୬ ହକି ଇଣ୍ଡିଆ ଲିଗ୍ : ତୁଫାନ୍ସକୁ ହରାଇ ବିପର୍ଯ୍ୟୟ ଘଟାଇଲା ଗୋନାସିକା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୩ ● ୨୯ ଜାନୁଆରୀ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-3 ● 29th January 2025, Wednesday ● Bhubaneswar

Licensed to post without pre-payment of postage No- BN-60/25-27


## ‘ଉତ୍କର୍ଷ ଓଡ଼ିଶା’ କନକ୍ଲେଭ -୨୦୨୫ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୮ା୧**
**ନ୍ୟୁଜ୍ ବ୍ୟୁରୋ**



ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ଖୁବ୍‌ଶୀଘ୍ର ଭାରତର ଗ୍ରୋଥ ଇଞ୍ଜିନ ହେବ। ବିକାଶର ଶିଖର ଛୁଇଁବ। ତେଣୁ ଏହି ସମୟ ହେଉଛି ପ୍ରକୃଷ୍ଟ ସମୟ। ଏଠାରେ ବିଭିନ୍ନ କ୍ଷେତ୍ରରେ ବିଶେଷକରି ଶିଳ୍ପ ଉଦ୍ୟୋଗରେ ପୁଞ୍ଜିନିବେଶ କଲେ ନିଶ୍ଚିତ ସଫଳତା ମିଳିବ। ଏହା ହେଉଛି ମୋଦି ଗ୍ୟାରେଣ୍ଟି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଦୁଇ ଦିନିଆ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫ ଉଦ୍‌ଘାଟନ କରିବା ଅବସରରେ ଯୋଗଦେଇଥିବା ନିବେଶକ ମାନଙ୍କ ଉଦ୍ଦେଶ୍ୟରେ ଏଭଳି ଆହ୍ୱାନ ଦେଇଛନ୍ତି।

ଏହି ଭବ୍ୟ ସମାରୋହରେ ଯୋଗଦେଇଥିବା ଶିଳ୍ପ ଜଗତର କ୍ୟାପଟେନ୍ ଏବଂ ବଡ ବଡ ନିବେଶକ ମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜାନୁଆରୀ ୨୦୨୫ରେ ଏହା ତାଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତ। ପ୍ରବାସୀ ଭାରତୀୟ ଦିବସ -୨୦୨୫ର ଉଦଘାଟନ ପାଇଁ ତାଙ୍କର ଗସ୍ତକୁ ମନେପକାଇ ସେ ଏପରି କହିଥିଲେ । ଏହା ଓଡ଼ିଶାରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବବୃହତ ବ୍ୟବସାୟ ସମ୍ମିଳନୀ ବୋଲି ଉଲ୍ଲେଖ କରି ଶ୍ରୀ ମୋଦି କହିଥିଲେ ଯେ ମେକ ଇନ ଓଡ଼ିଶା ୨୦୨୫ରେ ୫ରୁ ୬ ଗୁଣ ଅଧିକ ନିବେଶକ ଅଂଶଗ୍ରହଣ କରିଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ଓଡ଼ିଶାବାସୀ ଓ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ।

ପୂର୍ବ ଭାରତ ଦେଶର ପ୍ରଗତିର ଏକ ଅଭିବୃଦ୍ଧି ଇଞ୍ଜିନ ହୋଇଛି ଓ ଏଥିରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଆହୁରି ମଧ କହିଥିଲେ ଯେ ଐତିହାସିକ ତଥ୍ୟରୁ ଜଣାପଡୁଛି ଯେ ବିଶ୍ୱ ବିକାଶରେ ଯେତେବେଳେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା, ସେତେବେଳେ ଏକ୍ଷେତ୍ରରେ ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଶ୍ରୀ ମୋଦି କହିଥିଲେ ଯେ ପୂର୍ବ ଭାରତରେ ବୃହତ *(ପୃଷ୍ଠା ୭ରେ)*

## ପ୍ରଥମ ଦିନରେ ୫୪ ଏମ୍‌ଓୟୁ ସ୍ୱାକ୍ଷର : ଆସିଛି ୪.୫ ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ

**ଭୁବନେଶ୍ୱର, ୨୮ା୧**
**ନ୍ୟୁଜ୍ ବ୍ୟୁରୋ**



ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ସମ୍ମିଳନୀ ମଙ୍ଗଳବାର ଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଭିନ୍ନ ଶିଳ୍ପ ସଂସ୍ଥା ଓ କମ୍ପାନୀ ସହ ମୋଟ ୫୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କନ୍‌କ୍ଲେଭ ଜରିଆରେ ଓଡ଼ିଶାରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପୁଞ୍ଜିନିବେଶକାରୀ ମାନଙ୍କ ଯୋଗଦାନ ଓ ଉତ୍ସାହକୁ ଦେଖି ଯାହା ଜଣାପଡୁଛି ଏବେ ଏହି ପରିମାଣ ତିନି ଗୁଣା ବୃଦ୍ଧି ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ, ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ପ୍ରଥମ ଦିନରେ ୪.୫ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶର ପ୍ରସ୍ତାବ ମିଳିଛି । ସେ କହିଛନ୍ତି ଯେ,ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫ ମାଧମରେ ସ୍ୱାକ୍ଷର ହୋଇଥିବା ଏମ୍‌ଓୟୁ ମଧ୍ୟରୁ ସବୁଠାରୁ ବଡ *(ପୃଷ୍ଠା ୭ରେ)*

## ଭାରତ ଫେରିବ ୨୬/୧୧ ଆକ୍ରମଣର ଅଭିଯୁକ୍ତ ତହବୁର ରାଣା

**ନୂଆଦିଲ୍ଲୀ, ୨୮ା୧**

୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହବୁର ରାଣାଙ୍କ ପ୍ରତ୍ୟାର୍ପଣ ପାଇଁ ରାଷ୍ଟ୍ରୀୟ ତଦନ୍ତ ଏଜେନ୍ସିର ଏକ ଦଳ ଖୁବ ଶୀଘ୍ର ଆମେରିକା ଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଗୋଟିଏ ପଟେ, ଏନଆଇଏ ଆମେରିକା ଯାଉଥିବା ଅଧିକାରୀଙ୍କ ତାଲିକା ଗୃହ ମନ୍ତ୍ରଣାଳୟକୁ ହସ୍ତାନ୍ତର କରିଛି, *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଶିଳ୍ପ ବିକାଶ ପାଇଁ ଓଡ଼ିଶାରେ ରହିଛି ଅପାର ସୁଯୋଗ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୨୮ା୧ : ନ୍ୟୁଜ୍ ବ୍ୟୁରୋ**

ଉତ୍କର୍ଷ ଓଡ଼ିଶା କନକ୍ଲେଭ-୨୦୨୫ ଭୁବନେଶ୍ୱର ଜନତା ମଇଦାନରେ ଉଦ୍‌ଘାଟିତ ହୋଇଯାଇଛି । ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ ଜଣାଇବା ସହ ଏକ ସ୍ମାରକୀ ଉପହାର ପ୍ରଦାନ କରିଥିଲେ । ଏହି କନ୍‌କ୍ଲେଭକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ପୂର୍ବୋଦୟର ଇଞ୍ଜିନ ହେବାକୁ ଯାଉଛି । ଶିଳ୍ପ ବିକାଶ ପାଇଁ ଏଠାରେ ଅପାର ସୁଯୋଗ ରହିଛି । ବିଦେଶ ଗସ୍ତ କରି ନିବେଶକଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛି । ଏହାର ସୁଫଳ ଆଜି ମିଳିବାକୁ ଯାଉଛି। ସିଙ୍ଗିଲୱିଣ୍ଡୋ ମଞ୍ଜୁରୀ ଜରିଆରେ ପ୍ରତିବନ୍ଧକ ଦୂର କରିଛୁ । ମୁଁ ଆପଣଙ୍କୁ ପୁଞ୍ଜି *(ପୃଷ୍ଠା ୭ରେ)*

## ଏନପିସିଆଇ ଜନିତ ସମସ୍ୟା ଥିଲେ ବ୍ୟାଙ୍କ ଯାଆନ୍ତୁ ମହିଳା

**ଭୁବନେଶ୍ୱର, ୨୮ା୧ : ନ୍ୟୁଜ୍ ବ୍ୟୁରୋ**




ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ସାମିଲ ହୋଇପାରି ନଥିବା ମହିଳା ଆବେଦନକାରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମତୀ ପରିଡା ଗଣମାଧ୍ୟମକୁ କହିଛନ୍ତି ଏନପିସିଆଇ ତ୍ରୁଟି ଯୋଗୁଁ ଯୋଜନାରେ ସାମିଲ ହୋଇପାରି ନଥିବା ମହିଳାମାନେ ବ୍ୟାଙ୍କକୁ ଯାଇ ସମସ୍ୟା ଦୂର କରନ୍ତୁ । ସେ କହିଛନ୍ତି ଯେ, ଏନପିସିଆଇଜନିତ ସମସ୍ୟା ପାଇଁ ଏପର୍ଯ୍ୟନ୍ତ ୩,୩୧,୦୦୦ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇପାରି ନାହାନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୨୯ ଓ ୩୦ ତାରିଖରେ ଏନପିସିଆଇଜନିତ ତ୍ରୁଟି ଥିବା ମହିଳମାନେ ବ୍ୟାଙ୍କକୁ ଯାଆନ୍ତୁ । ଏହି ଦୁଇଦିନ ବ୍ୟାଙ୍କର କର୍ମଚାରୀମାନେ ସୁଭଦ୍ରା ପାଇଁ ଯାଇଥିବା ମହିଳାମାନଙ୍କର କାମକୁ ଗୁରୁତ୍ୱ ଦେବେ। ଯେଉଁମାନଙ୍କୁ ବ୍ୟାଙ୍କ ସମସ୍ୟା ପାଇଁ କଲ ଆସିଛି ସେମାନେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସ୍କୁଲ ଗୁଡାକ ହାଲତ ଖରାପ
ପିଲାଙ୍କୁ ଆସୁନି ପାଠ
ପ୍ରାଥମିକସ୍ତର ପୂରା ଦୁରୁବଳ
ଚିନ୍ତା କଲେ ହେବା କାଠ
କହିବାକୁ କିଛି ନାହିଁ ବାଟ
ରିପୋର୍ଟ ଦେଖାଏ ଏଇ ଅବସ୍ଥାକୁ
ରାଷ୍ଟ୍ର ଭବିଷ୍ୟତ ହୁଏ ନଷ୍ଟ ।

## ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରକାଶ ମିଶ୍ର



**ଭୁବନେଶ୍ୱର, ୨୮ା୧ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିବା ପୂର୍ବତନ ପୁଲିସ ଡିଜି ତଥା ୧୯୭୭ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ର ମଙ୍ଗଳବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ ସାକ୍ଷାତ କରିଥିଲେ। ଏହା ପରେ ଶ୍ରୀ ମିଶ୍ର ଜନତା ମଇଦାନରେ ଆୟୋଜିତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ ମଧ ଯୋଗଦେଇଥିଲେ।

ସୋମବାର ଶ୍ରୀ ମିଶ୍ରଙ୍କୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଥିଲେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ମଙ୍ଗଳବାର ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଜଣେ ସରଳ, ଅମାୟିକ, ସଚ୍ଚୋଟ ଓ ଦକ୍ଷ ପୋଲିସ୍ ଅଧିକାରୀ ଭାବେ ଶ୍ରୀ ମିଶ୍ର ସବୁ ମହଲରେ *(ପୃଷ୍ଠା ୭ରେ)*

## ରାଜ୍ୟରେ ଥିବା ନିବେଶ ସମ୍ଭାବନାକୁ ବିଶ୍ୱସ୍ତରରେ ଉପସ୍ଥାପନ କରିଛି: ଅଶ୍ୱିନୀ ବୈଷ୍ଣବ



**ଭୁବନେଶ୍ୱର, ୨୮ା୧ : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉତ୍କର୍ଷ ଓଡ଼ିଶା – ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଆଇଟି/ଆଇଟିଇଏସ/ଇଏସଡିଏମ ଉପରେ ଆୟୋଜିତ କ୍ଷେତ୍ରୀୟ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ବଜେଟ ବଳକା ରାଜ୍ୟ। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଓଡ଼ିଶାରେ ଥିବା ସମ୍ଭାବନାକୁ ବିଶ୍ୱସ୍ତରରେ ଉପସ୍ଥାପନ କରିଛି।

ଶ୍ରୀ ବୈଷ୍ଣବ କହିଥିଲେ, ଓଡ଼ିଶାରେ ରେଳବାଇ କ୍ଷେତ୍ରରେ ୭୩ ହଜାର କୋଟି ଟଙ୍କା ଏବଂ ଦୂରସଞ୍ଚାର କ୍ଷେତ୍ରରେ ୫୦୩୩ କୋଟି ଟଙ୍କା ନିବେଶ କରାଯାଇଥିବା ବେଳେ ଆଇଟି କ୍ଷେତ୍ରରେ ୭ହଜାର କୋଟି ଟଙ୍କା ନିବେଶ ପାଇଁ ମଙ୍ଗଳବାର ଘୋଷଣା ହୋଇଛି । ଏହା ଓଡ଼ିଶା ପାଇଁ ଲାଭଦାୟକ ହେବ । ଓଡ଼ିଶାକୁ ଖୁବଶୀଘ୍ର ଏକ ଆଇଟି କେନ୍ଦ୍ରସ୍ଥଳୀରେ ପରିଣତ କରାଯିବ। ଓଡ଼ିଶା ସରକାର ଏଥିପାଇଁ ଭୁବନେଶ୍ୱର ମଧଭାଗରେ ୩ ଲକ୍ଷ ବର୍ଗଫୁଟ ଜମି ଆବଣ୍ଟନ କରିଛନ୍ତି ଏବଂ ଆଇଟି ଶିଳ୍ପର ବିକାଶ ପାଇଁ ଖୁବଶୀଘ୍ର ଆଉ ୧୨ ଲକ୍ଷ ବର୍ଗଫୁଟ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ଆଇଟି କମ୍ପାନୀଗୁଡ଼ିକ ପାଇଁ ମୋଟ୍ ୧୫ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ଉଚ୍ଚମାନର ସୁବିଧା ଯୋଗାଇ ଦିଆଯିବ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ୧ ଜାନୁଆରୀ ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷଣା *(ପୃଷ୍ଠା ୭ରେ)*


DSPL-368



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଉତ୍କର୍ଷ ଓଡ଼ିଶା
ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍'୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"ଉତ୍କର୍ଷ ଓଡ଼ିଶା"
ଯାତ୍ରାରେ ଆମ ସହିତ ଯୋଗ ଦିଅନ୍ତୁ

"ସୁଭଦ୍ରା ରୁ ମୁଦ୍ରା"
ବିଷୟରେ ଏକ ପୂର୍ଣ୍ଣାଙ୍ଗ ଅଧିବେଶନ

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନନୀୟ ଅତିଥି

ଶ୍ରୀ ଜୁଏଲ ଓରାମ
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ

- ଓଡ଼ିଶାର ମହିଳାଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଉପରେ ଶିଳ୍ପ ନେତୃବୃନ୍ଦଙ୍କ ସହ ବିଚାରପ୍ରବଣ ଆଲୋଚନା ହେବ
- ଓଡିଶାରେ ସୁଭଦ୍ରା ଉଦ୍ୟୋଗର ଭବିଷ୍ୟତକୁ ଆକାର ଦେବାପାଇଁ ହେଉଥିବା ଆଲୋଚନାର ଅଂଶ ହୁଅନ୍ତୁ

୨୯ ଜାନୁଆରୀ ୨୦୨୫ | ଅପରାହ୍ନ ୦୨:୩୦- ୦୪:୩୦

ଜନତା ମୈଦାନ, ଭୁବନେଶ୍ୱର

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

OIPR : 33001/13/0061/2425





# ସ୍ୱର୍ଗଦ୍ୱାର ନିଆଁରେ ନଷ୍ଟ ହେଲା ସିସିଟିଭି, ଲାଗିବ ନୂଆ କ୍ୟାମେରା

**ପୁରୀ, ନ୍ୟୁଜ ବ୍ୟୁରୋ**

ସ୍ୱର୍ଗଦ୍ୱାରରେ ବଢୁଛି ଶବ ସଂଖ୍ୟା । ପ୍ରତିମାସର ପ୍ରାୟ ୧୫ ଦିନ ୧୦୦ରୁ ଅଧିକ ଲେଖାଏଁ ଶବ ପୋଡ଼ା ଯାଉଛି । ଶବ ସଂଖ୍ୟା ବଢୁଥିବା ବେଳେ ସୀମିତ ପିଣ୍ଡିକୁ ବାଣ୍ଟି ଯୋଗାଇ ଦେବା ଏବେ ପରିଚାଳନା ସଂସ୍ଥା ସ୍ୱର୍ଗଦ୍ୱାର ସମିତି ପାଖରେ ସମସ୍ୟା ହୋଇ ଉଭା ହେଲାଣି । ମାତ୍ର ପ୍ରଶାସନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ପିଣ୍ଡି ସଂଖ୍ୟା ବଢ଼ାଇବା ନିମନ୍ତେ ପଦକ୍ଷେପ ନନେଇ ଚୁପ୍ ବସିଛି । ସେହିପରି ସ୍ୱର୍ଗଦ୍ୱାରକୁ ଆଗନ୍ତୁକଙ୍କ ଗାଡ଼ି ସଂଖ୍ୟା ବଢୁଥିବା ବେଳେ ଛୋଟିଆ ପାର୍କିଂରେ ସ୍ଥାନ ଅଣ୍ଟୁନି । ଶବ ନେଇ ଆସୁଥିବା ହାଲୁକା ଗାଡ଼ିଗୁଡ଼ିକ ରଖିବା ନିମନ୍ତେ




ସ୍ୱର୍ଗଦ୍ୱାରରେ ଆବଶ୍ୟକ ସ୍ଥାନ ନାହିଁ । ରାସ୍ତାରେ ଗାଡ଼ି ରହିବା ଯୋଗୁ ଟ୍ରାଫିକ୍ ଜାମ୍ ହେଉଛି । ସନ୍ଧ୍ୟା ପରେ ଯାତ୍ରୀ ଗାଡ଼ି ଓ ଶବ ନେଇ ଆସୁଥିବା ଗାଡ଼ି ସଂଖ୍ୟା ବଢୁଥିବାରୁ ସ୍ୱର୍ଗଦ୍ୱାର ସମ୍ମୁଖ ରାସ୍ତା ଜାମ୍ ହୋଇଯାଉଛି । ମାତ୍ର ଏଠାରେ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ନା ଟ୍ରାଫିକ୍ କର୍ମଚାରୀଙ୍କୁ ମୁତୟନ କରାଯାଉଛି ନା ଏହାର ସ୍ଥାୟୀ ସମାଧାନ ପ୍ରତି ଦୃଷ୍ଟି ଦିଆଯାଉଛି । ଏହି ୩ ପ୍ରମୁଖ ସମସ୍ୟା ସମାଧାନ କରିବା ଜରୁରୀ ହୋଇପଡ଼ିଛି । ମାତ୍ର ପ୍ରଶାସନ ଏଥିପ୍ରତି ମୁହଁ ମୋଡ଼ିବା ଏବେ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ସେପଟେ ସ୍ୱର୍ଗଦ୍ୱାରରେ ସିସିଟିଭି ଅଚଳ ହୋଇଯାଇଥିବାରୁ ନିଶାଖୋର ଓ ଅସାମାଜିକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ସ୍ୱର୍ଗଦ୍ୱାରରେ ଜଳୁଥିବା ନିଆଁ ତାତି ସାଙ୍ଗକୁ ଲୁଣି ପାଣି ମାଡ଼ରେ ସିସିଟିଭି ଶୀଘ୍ର ନଷ୍ଟ ହୋଇଯାଉଥିବା ଅଭିଯୋଗ ହେଉଛି । ସ୍ୱର୍ଗଦ୍ୱାର ଭିତର ଶବ ପୋଡ଼ା ଯାଉଥିବା ପିଣ୍ଡି ସାଙ୍ଗକୁ ଅନ୍ୟ ଅଞ୍ଚଳରେ ସିସିଟିଭି ଖରାପ ହୋଇଥିବା ଯୋଗୁ ଅସାମାଜିକ କାର୍ଯ୍ୟ ବଢୁଥିବା ନେଇ ବାରମ୍ୱାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ୩୨ଟି ୨ ମେଗାପିକ୍ସେଲ ବୁଲେଟ କ୍ୟାମେରା ଥିବା ସିସିଟିଭି ସହ ବ୍ୟବସ୍ଥାକୁ ନବୀକରଣ କରିବାକୁ ପଦକ୍ଷେପ ନିଆଯାଇଛି । ସେହିପରି ଦିଗବାରିଣୀ ଛକଠାରୁ ଯାତ୍ରୀକା ମଧ୍ୟରେ କୌଣସି ଶୌଚାଳୟ ନଥିବାରୁ ମହିଳା ଓ ପୁରୁଷ ଯାତ୍ରୀମାନେ ସ୍ୱର୍ଗଦ୍ୱାରରେ ଥିବା ଶୌଚାଳୟକୁ ବ୍ୟବହାର କରୁଛନ୍ତି । ଫଳରେ ସୀମିତ ଲୋକବଳରେ ସ୍ୱର୍ଗଦ୍ୱାର ଶୌଚାଳୟକୁ ପରିଷ୍କାର ରଖିବା ଏବେ ଚ୍ୟାଲେଞ୍ଜ ହୋଇଛି । ଆବଶ୍ୟକ ଲୋକବଳ ନଥିବାରୁ ଏହି ଶୌଚାଳୟ ଅନେକ ସମୟରେ ଅପରିଷ୍କାର ହୋଇପଡୁଛି । ଯାହାକୁ ନେଇ ସ୍ୱର୍ଗଦ୍ୱାରକୁ ଆସୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ମାତ୍ର ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ପ୍ରତିକାର ହୋଇପାରିଲାନାହିଁ । ସ୍ୱର୍ଗଦ୍ୱାରରେ ଥିବା ମୌଳିକ ସମସ୍ୟା ସମାଧାନ କରିବାକୁ ସାମାଜିକ କର୍ମୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଆସୁଛି କୁମ୍ଭମେଳା, ଫେବ୍ରୁୟାରୀ ୪ରୁ ଦୁଲୁକିବ ଖଣ୍ଡଗିରି
## ଏଥର ଯାତ୍ରାରେ ନଗ୍ନତା ସଂପୂର୍ଣ୍ଣ ନିଷିଦ୍ଧ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାଖେଇ ଆସିଲା ପ୍ରସିଦ୍ଧ ଖଣ୍ଡଗିରି ମେଳା । ଫେବ୍ରୁଆରୀ ୪ରୁ କୁମ୍ଭମେଳା ଆରମ୍ଭ ହେଉଥିବା ବେଳେ ୬ରୁ ଯାତ୍ରା ମହାସମର । ୧୪ ଦିନ ଧରି କମ୍ପିବ ଖଣ୍ଡଗିରି-ଉଦୟଗିରି ପାହାଡ଼ ପାଦଦେଶ । ଚଳିତ ବର୍ଷ ଏହି ମେଳାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଗଠିତ ହୋଇଥିବା ସେଣ୍ଟ୍ରାଲ କୋଅର୍ଡିନେସନ୍ କମିଟି ବା ସ୍ୱତନ୍ତ୍ର କୋର କମିଟି ପକ୍ଷରୁ ମା' ବାରଭୂଜାଙ୍କ ପୀଠରେ ବୈଠକ ଅନୁଷ୍ଠିତ ହୋଇଥିଲା । କମିଟି ସଭାପତି ନୃସିଂହ ପ୍ରସାଦ ସୁନ୍ଦରାୟ ଓ ସଂପାଦକ ପ୍ରମୋଦ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଏଜେଣ୍ଡା ପ୍ରସ୍ତୁତ ହୋଇଛି । ପ୍ରସ୍ତୁତ ଏଜେଣ୍ଡାରେ ଉଲ୍ଲେଖ କରାଯାଇଛି କି, କମିଟିର ସମସ୍ତ ସଦସ୍ୟ ୨୦୨୫ ଖଣ୍ଡଗିରି ଯାତ୍ରା ମହାସମରକୁ ଶାନ୍ତିଶୃଙ୍ଖଳା



ସହିତ ସଂପାଦନ କରିବେ । ପ୍ରତ୍ୟେକ କମିଟିର ପ୍ରତ୍ୟେକ ସଦସ୍ୟ ପ୍ରଶାସନ ଯଥା-ପୁଲିସ, ଟ୍ରାଫିକ୍, ଦମକଳ, ବିଏମ୍‌ସି ଇତ୍ୟାଦି ବିଭାଗକୁ ଯଥା ସମ୍ଭବ ସହଯୋଗ କରିବେ । ଯଦ୍ୱାରା ପ୍ରଶାସନ ଖଣ୍ଡଗିରି କୁମ୍ଭମେଳାରେ ମେଳା ସହିତ ଅପେରାକୁ ସୂଚାରୁରୂପେ ପରିଚାଳନା କରିପାରିବେ । ଯାତ୍ରା କମିଟିର ପ୍ରତ୍ୟେକ ସଦସ୍ୟ କମିଟିର ପରିଚୟପତ୍ର ବ୍ୟବହାର କରିବାକୁ ବାଧ । କୌଣସି ଯାତ୍ରା କମିଟି ମଞ୍ଚରେ ସେଲିବ୍ରିଟି, ଆଇଟମ୍ ଗାର୍ଲ କିମ୍ବା କୌଣସି ନଗ୍ନତାକୁ ପ୍ରଶ୍ରୟ ଦେବେନାହିଁ । ଯାତ୍ରା କମିଟିମାନେ ଯାତ୍ରା ପରିବେଶଣ ହେଉଥିବା ସ୍ଥାନରେ ସିସିଟିଭି ବ୍ୟବସ୍ଥା କରିବେ । ବୈଠକରେ କୋର କମିଟି ଅନନ୍ତ କେଶରୀ ଦେବ କମିଟି ସଭାପତି-ସଂପାଦକ, ମା' ବାରଭୂଜା କମିଟି ସଭାପତି-ସଂପାଦକ, ୬ଟି ଯାତ୍ରା କମିଟିର ସଭାପତି ଓ ସମ୍ପାଦକ, ୪ କର୍ପୋରେଟର, ଜୋନ୍-୩ ଏସିପି ଓ ଖଣ୍ଡଗିରି ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ଭବନରେ ଗଣତନ୍ତ୍ର ଦିବସ ପାଳିତ
## ଜାତୀୟ ପତାକା ଉତ୍ତୋଳନ କଲେ ବିଧାୟକ ରାମ ଚନ୍ଦ୍ର କାଡ଼ମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଂଗ୍ରେସ ଭବନରେ ୭୬ ତମ ସାଧାରଣତନ୍ତ୍ର ଦିବସ ସମାରେହ ପାଳିତ । ଜାତୀୟ ପତାକା ଉତ୍ତୋଳନ କଲେ ବିଧାୟକ ରାମ ଚନ୍ଦ୍ର କାଡ଼ମ । ନେତା ଓ କର୍ମୀଙ୍କ ସମବେତ ଜାତୀୟଗାନରେ ପରିବେଶ ପ୍ରକମ୍ପିତ ହୋଇଥିଲା । କଂଗ୍ରେସ ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିଧାୟକ ରାମ ଚନ୍ଦ୍ର କାଡ଼ମ ସମ୍ବିଧାନକୁ ନେଇ ବିଜେପି ଓ ଆରଏସ୍‌ଏସ୍‌କୁ ଟାର୍ଗେଟ କରିଥିଲେ । ସେ କହିଲେ ୭୬ ବର୍ଷ ପରେ ଆମେ ଦେଖୁଛୁ ଆଜି ଅନେକ ବିକାଶ ଘଟିଛି । କିନ୍ତୁ ଯେଉଁମାନେ ଗଣତନ୍ତ୍ରକୁ ସ୍ୱୀକାର କରୁନଥିଲେ ଆଜି ଭାରତ ବର୍ଷରେ ସେମାନଙ୍କ ଶାସନ ଗଢ଼ି ଉଠିଛି । ସମ୍ବିଧାନ ବିପନ୍ନ ହୋଇଛି । ସେ ଆହୁରି କହିଛନ୍ତି ସମ୍ବିଧାନ ଆମକୁ ଅନେକ ସୁବିଧା ସୁଯୋଗ ଦେଇଛି । କହିବାର ଅଧିକାର ଦେଇଛି । ଯେତେ ବିକାଶ ହେଇଛି ସମ୍ବିଧାନ ଭିତରେ ହୋଇଛି । ଆଜି ନ୍ୟାୟିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ସରକାର ହସ୍ତକ୍ଷେପ କରୁଛନ୍ତି । ସେମାନେ ସମ୍ବିଧାନକୁ ଅସମ୍ମାନ କରୁଛି । ଏବେ ସମ୍ବିଧାନ ବିପଦରେ ଅଛି । ସମସ୍ତେ ଏକ ହୋଇ ଲଢ଼ିବାର କରିବାକୁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବିଧାୟକ ।



# ବାଲେଶ୍ୱର କଂଗ୍ରେସ କାର୍ଯ୍ୟାଳୟରେ
## ଗଣତନ୍ତ୍ର ଦିବସ ପାଳିତ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

. ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଅଛି । ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଜାତୀୟ ପତାକା ଉତ୍ତଳନ କରି ସାମ୍ପ୍ରତିକ ପରିସ୍ଥିତିରେ ଯେଉଁମାନେ ଦେଶକୁ ଭାଗ ଭାଗ କରିବା ପାଇଁ ଚେଷ୍ଟା ଚଳେଇଛନ୍ତି, ସେମାନଙ୍କୁ ଏକତ୍ର ହୋଇ ଲଢ଼ିବା ପାଇଁ ଆଜି ଦିନରେ ସମସ୍ତେ ଶପଥ ନେବା ଉଚିତ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ମୋନାଲିସା ସାମଲ, ବିକାଶ କୁମାର ଦାସ, କୃଷ୍ଣ ଗୋପାଳ ପଣ୍ଡା, ଉର୍ମିଳା ମାଝୀ, ବାସନ୍ତି ନାୟକ, ପ୍ରତିମା ପଣ୍ଡା, ଜୁବୁଲି ପଣ୍ଡା, କନ ବେହେରା, ସୁରେଶ ଜେନା, ଆରତୀ ଜେନା, ରମେଶ ଦାସ ଆରୀୟନ, ଚନ୍ଦ୍ରଶେଖର,ଓମପ୍ରକାଶ, ପ୍ରମୁଖ ଉପସ୍ଥିତ ଥିଲେ ।

# ୪ରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ
## ବିଧୁ ମଧୁ ବିତର୍କ ପ୍ରତିଯୋଗିତା-୨୦୨୫

**କଟକ : ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଛି ପ୍ରଥମ ବିଧୁ ମଧୁ ବିତର୍କ ପ୍ରତିଯୋଗିତା ୨୦୨୫ । ଫେବୃଆରୀ ୪ ଓ ୫ ତାରିଖରେ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ହେବ । ୧୯ ତାରିଖରେ ଶେଷ ପ୍ରତିଯୋଗିତା ହେବ । ଉଭୟ ଓଡ଼ିଆ ଏବଂ ଇଂରାଜୀ ଏହି ବିତର୍କ ପ୍ରତିଯୋଗିତା ହେବ । କେବଳ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ ।

**ମାଘ ସପ୍ତମୀ ବୁଡ଼ ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ**

# ତୀର୍ଥ ପୁଷ୍କରିଣୀ, ପରିମଳକୁ ଗୁରୁତ୍ୱ, ମୁତୟନ ହେବେ ୩୩ ପ୍ଲାଟୁନ୍ ଫୋର୍ସ




**କୋଣାର୍କ : ନ୍ୟୁଜ ବ୍ୟୁରୋ**

ଆସନ୍ତା ଫେବୃଆରୀ ୪ରେ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ଣରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ନିମନ୍ତେ ୬୦ଟି ନଳକୂପ, ୪୦ ଷ୍ଟାଣ୍ଡ ପୋଷ୍ଟ, ଏକ ଶହ ଅସ୍ଥାୟୀ ଶୌଚାଳୟ, ୪ଟି ପାଣି ଟ୍ୟାଙ୍କର, ବୁଡ଼ ୩ଦିନ ପୂର୍ବରୁ ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ କରାଯିବାକୁ ନିଷ୍ପତ୍ତି ହୋଇଛି । ସେହିପରି ହେଲିପ୍ୟାଡ୍‌ରେ ଟ୍ରାଫିକ୍ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସ୍‌ଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠି ଓ ସପ୍ତମୀ ଦୁଇଦିନ ପରିମଳ, ପାର୍କିଂ, ଆଲୋକ ବ୍ୟବସ୍ଥା, ଚନ୍ଦ୍ରଭାଗା ବେଳାଭୂମି ଓ ତୀର୍ଥ ପୁଷ୍କରିଣୀରେ ୨୦ଜଣ ଲାଇଫ୍ ଗାର୍ଡ ନିଯୁକ୍ତ ହେବେ । ସପ୍ତମୀ ପୂର୍ବ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ । ସୂଚନା ପ୍ରସାରଣ, ଶାନ୍ତିଶୃଙ୍ଖଳା ନିମନ୍ତେ ୩୩ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ । ଯାନବାହାନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ । ସପ୍ତମୀ ଦୁଇ ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଷଷ୍ଠୀ ଓ ସପ୍ତମୀ ଦୁଇ ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ରହିବ । କୋଣାର୍କ ଓ ଗୋପରେ ମଦ ଦୋକାନ ବନ୍ଦ କରାଯିବ । ସୂର୍ଯ୍ୟମନ୍ଦିର ଓ ନବଗ୍ରହ ମନ୍ଦିର ସମ୍ମୁଖରେ ରାସ୍ତା ଦୁଇ ପାଶ୍ୱର୍ ଓ ରାସ୍ତା ମଝିରେ ଉଠା ବ୍ୟବସାୟୀମାନେ ଜବରଦଖଲ କରିଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ୍, ତିନି ଠାକୁରଙ୍କ ସେବାୟତ, ମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଣାର୍କର ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ଆଇଆଇଟି ରୁରକି ସହ ବିଏମ୍‌ସି କରିବ ଏମ୍‌ଓୟୁ
## ନକ୍ସା ଆଙ୍କିବାକୁ ନେବ ୯ କୋଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି । ହେଲେ ସହରର ଚିତ୍ର ବଦଳୁନି । ଅସରାଏ ବର୍ଷା ହେଲେ ଉବୁଟୁବୁ ହେଉଛି ଭୁବନେଶ୍ୱର । ଘରେ ପାଣି ପଶୁଛି । ଡ୍ରେନ୍‌ରେ ଭାସି ଜୀବନ ଯାଉଛି । ଏବେ ପୁଣି ନୂଆ ଭେଲିକି ଆରମ୍ଭ କରିଛି ବିଏମ୍‌ସି । ଡ୍ରେନ୍ ପାଣି ନିଷ୍କାସନ ପାଇଁ ଆଇଆଇଟି ରୁରକି ସହ ହାତ ମିଳାଇବ । ଖାଲି ନକ୍ସା ଆଙ୍କିବାକୁ ରୁରକି ନେବ ୯ କୋଟି ଟଙ୍କା । ସହରାଞ୍ଚଳ ବନ୍ୟାଜଳ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବ । ଏହାର ଦାୟିତ୍ୱ ଆଇଆଇଟି ରୁରକିକୁ ଦିଆଯାଇଛି । ଏନେଇ ବିଏମ୍‌ସି ପକ୍ଷରୁ ଏକ ଟେକ୍ନୋ ପ୍ରସ୍ତାବ ଆଗତ ହୋଇଛି । ପ୍ରସ୍ତାବ ମୁତାବକ ମାଷ୍ଟରପ୍ଲାନ ଓ ଡିପିଆର ପ୍ରସ୍ତୁତି ପାଇଁ ମୋଟ ୯ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏମ୍‌ଓୟୁ ସ୍ୱାକ୍ଷର ବେଳେ ଆଗୁଆ ୩୦ ପ୍ରତିଶତ ଟଙ୍କା ନେବ ଆଇଆଇଟି ରୁରକି । ପ୍ରିଲିମିନାରୀ ରିପୋର୍ଟ ଦାଖଲ ପାଇଁ ଅବଶିଷ୍ଟ ୨୦ ପ୍ରତିଶତ । ଅର୍ଥାତ ମାତ୍ର ରିପୋର୍ଟ ବେଳକୁ ୪ କୋଟି ଟଙ୍କା ନେବାକୁ ଦାବି କରିଛି । ଏହା ପରେ ଡ୍ରାଫ୍ଟ ଡ୍ରେନେଜ ମାଷ୍ଟରପ୍ଲାନ ପାଇଁ ୧୦ ପ୍ରତିଶତ



ଟଙ୍କା ପଇଠ କରିବାକୁ ପଡ଼ିବ । ଚୂଡ଼ାନ୍ତ ଡ୍ରେନେଜ ମାଷ୍ଟରପ୍ଲାନ ପାଇଁ ୧୫ ଏବଂ ଡିପିଆର ବେଳକୁ ପୂରା ଟଙ୍କା ନେବ । ବର୍ଷକ ମଧ୍ୟରେ ପ୍ଲାନ ରିପୋର୍ଟ ଦେବାକୁ ନିଷ୍ପତ୍ତି ହୋଇଛି । ବିଏମ୍‌ସି ଅଞ୍ଚଳରେ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଫଣ୍ଡ (ଏନ୍‌ଡିଏମ୍‌ଏଫ୍) ଫଣ୍ଡରୁ ଏହି କାର୍ଯ୍ୟ କରାଯିବ । ଏଥିରେ ବିଶେଷ କରି ଇସ୍କନ ଜଳବନ୍ଦୀକୁ ଫୋକସ କରାଯାଇଛି । ନୂଆପଲ୍ଲୀଠାରୁ ବାଣୀବିହାର ପର୍ଯ୍ୟନ୍ତ ଏକ ଭୂ-ତଳ ଡ୍ରେନ୍ ନିର୍ମାଣ କରିବାକୁ ଏଥିରେ ଯୋଜନା ରହିଛି । ଇସ୍କନ ପାଣି ସିଧା ନେଇ ବାଣୀବିହାର ଡ୍ରେନ୍-୪ରେ ପକାଇବାକୁ ଯୋଜନା ରହିଛି । ଆଇଆଇଟି ରୁରକିର ଏକ ଟିମ୍ ବିଏମସି ଅଞ୍ଚଳ ବୁଲି ଦେଖିଥିଲେ । ଅଧିକାଂଶ ଡ୍ରେନ୍ ସରୁ ଅଣଓସାରିଆ ହୋଇଥିବାରୁ ପାଣିର ବେଗ ଅଧିକ ରହୁଛି । ଏହା ସହ ପାଣି ନିଷ୍କାସନ ମୁଖ୍ୟ ଡ୍ରେନ୍ ଜବରଦଖଲ ଯୋଗୁଁ ପାଣି ନିଷ୍କାସନରେ ଅସୁବିଧା ହେଉଛି । ବର୍ଷା ଦିନେ ରାଜଧାନୀକୁ ଜଳବନ୍ଦୀ ମୁକ୍ତ କରିବାକୁ ଅତିତରେ ଅନେକ ଯୋଜନା ହୋଇଛି । ଲୋକଙ୍କ ଟଙ୍କା ପାଣି ଭଳି ଖର୍ଚ୍ଚ ହୋଇଛି । ହେଲେ ଜଳବନ୍ଦୀ ସମସ୍ୟା ହଟି ପାରିନାହିଁ । ଆଗରୁ ତଳିଆ ଅଞ୍ଚଳ ପାଣିରେ ବୁଡୁଥିଲା । ହେଲେ ଏବେ ପାଣି ରାଜଧାନୀର ଛାତି ଉପରେ ଧାଉଁଛି । ସବୁ ମୁଖ୍ୟ ରାସ୍ତା ଉବୁଟୁବୁ । ଡ୍ରେନ୍‌ରେ ପଡ଼ି ଗତ ୪ ବର୍ଷ ଭିତରେ ୩ ଜଣଙ୍କ ଜୀବନ ଗଲାଣି । ଏବେ ଭୁବନେଶ୍ୱର ଜଳବନ୍ଦୀ ସମସ୍ୟାରେ ଆଇଆଇଟି ରୁରକି ମୁଣ୍ଡ ଖେଳାଉଛି । ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ ।

# ବରଗଡ଼ରେ ପୁଣି ଲଜ୍ୟା: ଝିଅକୁ ଦୁଷ୍କର୍ମ ଅଭିଯୋଗ, ବାପାକୁ ବାନ୍ଧିଲା ପୁଲିସ

**ବରଗଡ଼/ଅତାବିରା, ନ୍ୟୁଜ ବ୍ୟୁରୋ**

ବରଗଡ଼ ଜିଲ୍ଲା ପ୍ରଶାସନ ଓ ପୁଲିସ କନ୍ୟା ସନ୍ତାନ ଦିବସ, ବେଟି ପଢ଼ାଓ ବେଟି ବଚାଓ ଦିବସ ପାଳନ କରୁଥିବା ବେଳେ ଗୋଟେ ପରେ ଗୋଟେ ହୋଇ ଘଟିଚାଲିଥିବା ଅଘଟଣ ପାଇଁ ଜିଲ୍ଲାକୁ ଲଜ୍ଜିତ ହେବାକୁ ପଡୁଛି । ୧୪ ଦିନ ତଳର ଯୁବତୀ ନିଖୋଜ ଓ ରକ୍ତାକ୍ତ ଭାବେ ଉଦ୍ଧାର ଘଟଣା ଏବଂ ୪ ଦିନ ତଳର ଝରାପାଲି ନାବାଳିକା ନିଖୋଜ ଘଟଣା ମାନସ ପଟଳରୁ ନଲିଭୁଣୁ ଜଣେ ପିତା ନିଜ ଜନ୍ମକଲା ଝିଅକୁ ପାଶବିକ ଅତ୍ୟାଚାର କରିବା ଭଳି ଅତିଶୟ ଲଜ୍ଜାଜନକ ଓ ଅଭାବନୀୟ ଘଟଣା ସଂସ୍କୃତି ସମ୍ପନ୍ନ, ଐତିହ୍ୟ ସମ୍ପନ୍ନ ବରଗଡ଼ ଜିଲ୍ଲାର ମଥାନତ କରିଦେଇଛି । ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ କୁଲୁଣ୍ଡା ପଂଚାୟତରେ ଘଟଣାଟି ଘଟିଯାଇଛି । ୩୬ ବର୍ଷୀୟ ବାପା ନିଜ ଜନ୍ମ କଲା ୧୨ ବର୍ଷୀୟା ଝିଅକୁ ଦୁଷ୍କର୍ମ କରିବା ଭଳି ନିନ୍ଦନୀୟ ଘଟଣା ସଭ୍ୟ ମାନବ ସମାଜର ସମସ୍ତ ସୀମା ଉଲ୍ଲଂଘନ କରିଯାଇଛି । ପ୍ରାପ୍ତ ସୂଚନା ମତେ, କୌଣସି



କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବିବାଦ ଲାଗି ରହିଥିଲା । ଏଥିପାଇଁ କିଛିଦିନ ହେଲା ସ୍ତ୍ରୀ ସମ୍ବଲପୁରରେ ନିଜ ମା' ଘରେ ଆଶ୍ରୟ ନେଇଆସୁଛନ୍ତି । ଏପଟେ ଅତାବିରା ଘରେ ୧୨ ବର୍ଷୀୟା ଝିଅ ଓ ୧୦ ବର୍ଷର ପୁଅକୁ ନେଇ ସ୍ୱାମୀ ରହୁଥିଲେ । ସ୍ତ୍ରୀ ମଝିରେ ମଝିରେ ଅତାବିରା ଆସି ଝିଅ ପୁଅ ପାଖକୁ ଯାଇ ଦେଖାଦେଖି କରି ଫେରିଆସୁଥିଲେ ମଧ୍ୟ ସ୍ୱାମୀଙ୍କ ସହିତ କଥାବାର୍ତ୍ତା କରୁନଥିଲେ । ପତ୍ନୀ ନଥିବାର ସୁଯୋଗ ନେଇ ରାତିରେ ବାପ ନିଜ ଝିଅକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏନେଇ ଝିଅ ନିଜ ମା'କୁ ଫୋନରେ ସବୁ କଥା କହିବା ପରେ ସ୍ତ୍ରୀ ଗାଁକୁ ଆସି ଝିଅ ସହିତ ଟିଖିନିଖି ଆଲୋଚନା କରିବା ପରେ ଅତାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅତାବିରା ପୁଲିସ ଏନେଇ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ସହ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡ଼ାକ୍ତରିମାଇନା କରାଇଥିବା ଜଣାପଡ଼ିଛି । ବାପ-ଝିଅ ଭଳି ପବିତ୍ର ସଂପର୍କରେ କଳା ଦାଗ ଆଙ୍କି ଦେଇଥିବା ପିତାର କୁକର୍ମକୁ ନେଇ ଏବେ ସାରା ଜିଲ୍ଲାରେ ଚର୍ଚ୍ଚା ଖେଳିଯାଇଛି । ଏଭଳି ପିତାଙ୍କୁ ଫାଶୀ ଦିଆଯାଉ ବୋଲି ସଚେତନ ମହଲର ଦାବି ଏବେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଯାଇଛି ।

# ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସି ଖବର, ୩ ଶାବକ ଜନ୍ମ ଦେଲା 'ରେଓ୍ୱା'

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିଂହୀ 'ରେଓ୍ୱା' ୩ଟି ଶାବକ ଜନ୍ମ ଦେଇଛି । ୭ବର୍ଷୀୟା 'ରେଓ୍ୱା' ଇତିମଧ୍ୟରେ ତୃତୀୟ ଥର ପାଇଁ ମା'ହୋଇଛି । ତେବେ ଚିନ୍ତାର ବିଷୟ ହେଉଛି ୩ ଶାବକଙ୍କ ମଧ୍ୟରୁ ଗୋଟିଏ ଶାବକର ମୃତ୍ୟୁ ହୋଇଥିବାବେଳେ ଆଉ ୨ଟି ଶାବକଙ୍କୁ ମା'ସିଂହୀ ଗ୍ରହଣ କରିନାହିଁ । ତେଣୁ ଦୁଇ ଶାବକ (ଅଣ୍ଡିରା, ମାଇ)ଙ୍କୁ ମା'ଠାରୁ ଅଲଗା କରି ଶିଶୁ ଲାଳନ ପାଳନ କେନ୍ଦ୍ରରେ ରଖାଯାଇଛି । ଆଇସିୟୁରେ ସେମାନଙ୍କ ଚିକିତ୍ସା କରାଯାଉଛି । ପ୍ରାଣୀ ଉଦ୍ୟାନରେ ଜନ୍ମିତ ସିଂହ 'ଜିତ୍' ସହିତ କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟରୁ ଆସିଥିବା ସିଂହୀ 'ରେଓ୍ୱା'ର ପ୍ରାୟ ୧୦୭ ଦିନ ତଳେ ମିଳନ ହୋଇଥିଲା । ଫଳରେ 'ରେଓ୍ୱା' ଗର୍ଭବତୀ ହୋଇଥିଲା । ପ୍ରଥମେ 'ରେଓ୍ୱା' ଏକ ମୃତ ଶାବକ ଜନ୍ମ ଦେଇଥିଲା । ଆଉ ଶାବକ ଜନ୍ମ ଦେବାରେ ବିଳମ୍ବ ହେବାରୁ ପ୍ରାଣୀ ଚିକିତ୍ସକଙ୍କ ଚିକିତ୍ସା ପରେ ଅପରାହ୍ଣ ୩.୫୮ ଏବଂ ୫.୫୬ରେ ଦୁଇଟି ଶାବକ ଜନ୍ମ ଦେଇଥିଲା । ଏହି ଜନ୍ମିତ ଶାବକଙ୍କୁ ମିଶାଇ ପ୍ରାଣୀ ଉଦ୍ୟାନରେ ସିଂହ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ସୁନା ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ରଥାଙ୍ଗପାଣି



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭଗବାନ୍ ଶ୍ରୀକୃଷ୍ଣଙ୍କର ବହୁ ନାମ ରହିଛି। ଭକ୍ତ ବା ସାଧକମାନେ ବହୁ ନାମରେ ତାଙ୍କର ସ୍ତୁତି ଗାନ କରିଥାନ୍ତି। ଦେଶବିଦେଶରେ ଭଗବାନ ଶ୍ରୀକୃଷ୍ଣଙ୍କୁ ନେଇ ଅନେକ କଥାବସ୍ତୁ ସୃଷ୍ଟି ହୋଇଛି। କେତେକ କ୍ଷେତ୍ରରେ ସେହିସବୁ କଥାବସ୍ତୁର ରଚୟିତାମାନଙ୍କ ମଧ୍ୟରେ ମଧ୍ୟ ମତ ପାର୍ଥକ୍ୟ ପରିଦୃଷ୍ଟ ହୋଇଥାଏ। ଆଲୋଚ୍ୟ ପ୍ରସଙ୍ଗଟିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଏହା ହେଉଛି ମହାଭାରତ ମହାସମର ବେଳର କଥା। କୌରବ ଓ ପାଣ୍ଡବ ଉଭୟଙ୍କର ପିତାମହ ଥିଲେ ମଧ୍ୟ ପରିସ୍ଥିତିର ଆଧାରରେ ଭୀଷ୍ମ କୌରବ ପକ୍ଷ ନେଇ ଯୁଦ୍ଧରେ ସେନାଧକ୍ଷ ହୋଇଥାନ୍ତି। କୌରବମାନେ ଥିଲେ ଖଳ ପ୍ରକୃତିର ଏବଂ ସେମାନେ ନିଜ ବାହୁ ବଳରେ ବଳିୟାନ ହୋଇ ପାଣ୍ଡବମାନଙ୍କୁ ବହୁ ଅସୁବିଧାରେ ପକାଇଛନ୍ତି। ପିତାମହ ଭୀଷ୍ମ, ଅଙ୍ଗ ରାଜ୍ୟର ଶାସକ କର୍ଣ୍ଣ ଓ ଗୁରୁ ଦ୍ରୋଣାଚାର୍ଯ୍ୟ। କୌରବମାନଙ୍କ ପକ୍ଷ ନେଇ ସେମାନଙ୍କର ଖଳ ବୁଦ୍ଧିକୁ ଉତ୍ସାହିତ କରୁଥାନ୍ତି। ଅପରପକ୍ଷରେ ସର୍ବଦା ଶାନ୍ତ ସରଳ ପାଣ୍ଡବମାନଙ୍କର ଏକମାତ୍ର ସହାୟକ ଥିଲେ ଭଗବାନ ଶ୍ରୀକୃଷ୍ଣ। ମହାଶୌର୍ଯ୍ୟଶାଳୀ ଓ ଇଚ୍ଛାମୃତ୍ୟୁ ବରପ୍ରାପ୍ତ ହୋଇଥିବା ପିତାମହ ଭୀଷ୍ମଙ୍କୁ କରାୟତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ କିପରି ନିଜର ପ୍ରତିଜ୍ଞା ପ୍ରତି ଭ୍ରୂକ୍ଷେପ ନକରି ଧର୍ମସଂସ୍ଥାପନ ପାଇଁ ରଥ ଚକକୁ ଆୟୁଧ କରି ରଥାଙ୍ଗପାଣି ଭାବରେ ନିଜର ଭୂମିକାକୁ ନିର୍ବାହ କରିଛନ୍ତି, ତାହା ଉକ୍ତ ପ୍ରସଙ୍ଗରେ ସୁସ୍ପଷ୍ଟ।

ଭୀଷ୍ମ କହିଲେ- ହେ ପୌତ୍ର ଦୁର୍ଯ୍ୟୋଧନ! ଯଦି ମରଣକୁ ବରଣ କରିବାକୁ ଏତେ ଭୟ, ତେବେ ଯୁଦ୍ଧ କରିବା ନିମନ୍ତେ କାହିଁକି ରାଜି ହେଉଥିଲ। ମୁଁ ଉଭୟ ପକ୍ଷର ହେଲେ ମଧ୍ୟ ତୁମ ପାଇଁ ଯୁଦ୍ଧ କରିବା ପାଇଁ ସମ୍ମତି ଦେଇଛି। କାଲି ସନ୍ଧ୍ୟା ସମୟରେ ମୋର ତର୍ପଣ ସରିବା ପରେ ବଧୂ ଭାନୁମତୀଙ୍କୁ ମୋ ପାଖକୁ ପଠାଇଦିଅ। ଜୀବନରେ ଯେତିକି ପୁଣ୍ୟ ଅର୍ଜନ କରିଛି ତାହାର ଆଶୀର୍ବାଦ ତାହା ଉପରେ ଛିଞ୍ଚିଦେଇ ତାଙ୍କୁ 'ଅଖଣ୍ଡ ସୌଭାଗ୍ୟବତୀ ଭବଃ'ର ବରଦାନ ପ୍ରଦାନ କରିବି, ଯାହାଫଳରେ ତୁମର ମୃତ୍ୟୁ ହେବ ନାହିଁ। ମୋ ସନ୍ଧ୍ୟା ଉପାସନା ପରେ ପରେ ହିଁ ସେ ଯେପରି ମୋତେ ମୋ ଶିବିରରେ ଭେଟ ହୁଅନ୍ତି।

କୁଳବୃଦ୍ଧ ଭୀଷ୍ମ ପିତାମହଙ୍କର ଏପରି ପ୍ରତିଜ୍ଞା ଶୁଣି ଉଲ୍ଲସିତ ହୋଇ ଉଠିଲେ କୁରୁ ଯୁବରାଜ ଦୁର୍ଯ୍ୟୋଧନ। ତେବେ ଏପରି ହେଲେ ମୋର ବିଜୟ ନିଶ୍ଚିତ। ମାତ୍ର ଏପରି ଗୋପନୀୟ କଥା ଭଗବାନ ଶ୍ରୀକୃଷ୍ଣଙ୍କ କାନରେ ବାଜିଲା ଓ ଏଥିରେ ହତବାକ୍ ହୋଇଗଲେ ବ୍ରଜରାଜ। ଭାବିନେଲେ ଯଦି ଭୀଷ୍ମ ଏପରି ଆଶୀର୍ବାଦ ଦେଇଦିଅନ୍ତି, ତେବେ ଯୁଦ୍ଧରେ ପାଣ୍ଡବମାନେ ଆଦୌ ଜିତିପାରିବେ ନାହିଁ। ଏହି ଧରାଧୂଳିରେ ମୋ ଆବିର୍ଭାବର ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଯିବ। ଏପରି ଚିନ୍ତା କରି ଭଗବାନ ଶ୍ରୀକୃଷ୍ଣ ପାଣ୍ଡବ ଶିବିରରେ ପହଞ୍ଚି ନିଦ୍ରାବସ୍ଥାରେ ଥିବା ଦ୍ରୌପଦୀଙ୍କୁ ଉଠାଇ ସମସ୍ତ ବିବରଣୀ ଶୁଣାଇଦେଲେ। ଆଉ କହିଲେ, 'ତୁରନ୍ତ ମୋ ସହିତ କୌରବ ଶିବିରକୁ ଚାଲ।' ମଥାକୁ ଲୁଗା ଓଢ଼ଣାରେ ସମ୍ପୂର୍ଣ୍ଣ ଘୋଡ଼େଇ ହୋଇ ଠିକ୍ ସନ୍ଧ୍ୟା ତର୍ପଣ ପରେ ପରେ ପିତାମହ ଭୀଷ୍ମଙ୍କ ଆଗରେ ମଥାନତ କରି ଆଶୀର୍ବାଦ ନେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଲେ।

ପିତାମହ ଭୀଷ୍ମ ସନ୍ଧ୍ୟା ତର୍ପଣ ସାରି ଯେତେବେଳେ ଉଠିଲେ, ଦ୍ରୌପଦୀ ତାଙ୍କୁ ସସମ୍ମାନେ ମଥା ଅବନତ କରି ପ୍ରଣାମ ଜଣାନ୍ତେ, ଦୁର୍ଯ୍ୟୋଧନ ସହ ପୂର୍ବ ପରାମର୍ଶ ଅନୁଯାୟୀ ଭାନୁମତୀ ଭାବି ଅବଗୁଣ୍ଠନବତୀ ନାରୀଟିକୁ ତୁରନ୍ତ ହସ୍ତରେ ଧରିଥିବା କମଣ୍ଡଳରୁ ତାଙ୍କ ଉପରେ ଜଳ ସିଞ୍ଚନ କରି 'ଅଖଣ୍ଡ ସୌଭାଗ୍ୟବତୀ ଭବଃ' ଆଶୀର୍ବାଦ ଦେଇଦେଲେ। ମାତ୍ର ଦ୍ରୌପଦୀ ଯେତେବେଳେ ମଥା ଉଠାଇ କହିଲେ, "ପିତାମହ! ଏହା କିପରି ସମ୍ଭବ! ଆପଣ ତ ଆସନ୍ତାକାଲି ରଣାଙ୍ଗନରେ ପାଣ୍ଡବମାନଙ୍କୁ ନିଃଶେଷ କରିଦେବା ପାଇଁ ଶପଥ ନେଇଛନ୍ତି। ଏହା ଶୁଣି ହତଚକିତ ହୋଇଗଲେ ଭୀଷ୍ମ ପିତାମହ। ଆଉ ବିସ୍ମିତ ହୋଇ ଚିନ୍ତା କଲେ, "ମୁଁ ତ ଭାନୁମତୀକୁ ପଠାଇବା ନିମନ୍ତେ ଦୁର୍ଯ୍ୟୋଧନକୁ କହିଥିଲି। ତାହା ସ୍ଥାନରେ ଦ୍ରୌପଦୀ ଆସିଲେ କିପରି?" ଭୀଷ୍ମ କିଛି ସମୟ ନୀରବ ହେବାର ଦେଖି ଦ୍ରୌପଦୀ କହିଲେ, "ମୁଁ କ'ଣ ଆପଣଙ୍କଠାରୁ ଆଶୀର୍ବାଦ ପାଇବା ପାଇଁ ଯୋଗ୍ୟ ନୁହେଁ।" ଭୀଷ୍ମ ଉତ୍ତର ଦେଲେ- ନିଶ୍ଚୟ, ତୁମର ଅଧିକାର ଅଛି। ତେବେ ଏହା କିପରି ସମ୍ଭବ ହେଲା? କେବଳ କୃଷ୍ଣମାୟା ବ୍ୟତୀତ ଏହା ସମ୍ଭବ ନୁହେଁ? ପିତାମହ ପୁଣି ଦ୍ରୌପଦୀଙ୍କୁ ପଚାରିଲେ- ଜଣେ ରାଜବଧୂ ହୋଇ ରଣାଙ୍ଗନ ରାଜପଥରେ ପୁଣି ସନ୍ଧ୍ୟା ସମୟରେ ଏକାକୀନୀ ଏଠାକୁ ଆସିପାରିଲ କିପରି? ତତ୍କାଳ ଦ୍ରୌପଦୀ ଉତ୍ତର ଦେଲେ- ମୋ ସହିତ ମୋର ଗୋପାଳ ଭାଇ ଆସିଛନ୍ତି। କାହାନ୍ତି ତୋର ଗୋପାଳ ଭାଇ? ମୁଁ ତାଙ୍କୁ ଦେଖିଥାନ୍ତି? ଭୀଷ୍ମ ଉତ୍ତର ଦେଲେ। ସେତେବେଳେ ଭୀଷ୍ମଙ୍କ ଶିବିର ବାହାରେ ଦ୍ରୌପଦୀଙ୍କ ଫେରିବାର ଅପେକ୍ଷାରେ ଥାନ୍ତି ଯଦୁପତି ଶ୍ରୀକୃଷ୍ଣ। ଶିବିର ବାହାରକୁ ଯାଇ ପିତାମହ ଦେଖିଲେ ଯେ ସେ ଗୋପାଳ ଭାଇ ଆଉ କେହି ନୁହନ୍ତି। ଶତ ଚନ୍ଦ୍ର ଆଭାରେ ଆଚ୍ଛାଦିତ ସ୍ୱୟଂ ଗୋପେଶ୍ୱର ଗୋପାଳକୃଷ୍ଣ। ଗୋପାଳଭାଇଙ୍କର ଏହିଭଳି ଅପୂର୍ବ ରୂପକୁ ଭୀଷ୍ମ ଆଗରୁ କେବେ ଦେଖି ନଥିଲେ। ଶିର ଶୋଭିତ ଘନକୃଷ୍ଣ ବାଙ୍କଚୂଡ଼ାରେ ମୃଦୁ ମନ୍ଦସମୀର ପରସରେ ଦୋଳାୟିତ ହେଉଥିଲା ଶିଖଣ୍ଡ ଚୂଳ। ଶ୍ୟାମଳ ଦେହରେ ପିନ୍ଧିଥିବା ପିତାମ୍ବର ବେଶ ମାନୁଥିଲା। ମୋହନ ମୂରଲୀଟି ଅଣ୍ଟାରେ ଖୋସା ଥିଲା। ଆଉ ସେ ବେଶ ଥିଲା ଅପୂର୍ବ। ଅପଲକ ଦୃଷ୍ଟିରେ ଚାହିଁ ରହିଥିଲେ ପିତାମହ ଭୀଷ୍ମ। ଆନନ୍ଦରେ ଦୁଇ ଆଖିରୁ ତାଙ୍କର ବହିଯାଉଥିଲା ଅବିରତ ଅଶ୍ରୁର ଧାର। ମୁହଁରୁ ବାହାରିଗଲା "ବାଃ ବାଃରେ ଗୋପାଳ ଭାଇ। ତୁମେ ନଥିଲେ ଦ୍ରୌପଦୀ ଆଜି ଭାନୁମତୀ ହୋଇପାରି ନଥାନ୍ତା। ଜଗତର ପ୍ରତ୍ୟେକ ବସ୍ତୁରେ ଯାହାର ସତ୍ତା ବିଦ୍ୟମାନ ତାଙ୍କ ପକ୍ଷରେ ଅସମ୍ଭବ କ'ଣ?" ପୁଣି ଦ୍ରୌପଦୀଙ୍କୁ ଲକ୍ଷ୍ୟ କରି କହିଲେ- "ହେ କୁଳବଧୂ ଦ୍ରୌପଦୀ! ମୁଁ କେବଳ ଅଖଣ୍ଡ ସୌଭାଗ୍ୟବତୀ ହେବାର ବରଦାନ ଆଶୀର୍ବାଦରେ ଦେଇଛି, ମାତ୍ର ସୁରକ୍ଷା ଦାୟିତ୍ୱ ରହିଲା ତୁମ ଗୋପାଳ ଭାଇ ଉପରେ।" ସଜଳ ଚକ୍ଷୁରେ ପିତାମହ ଫେରିଗଲେ ନିଜ ଶିବିରକୁ। ଶ୍ରୀକୃଷ୍ଣ ଜାଣିଥିଲେ ଯେ ଭୀଷ୍ମ ଯାହା କହିଥାନ୍ତି ତାହା କରନ୍ତି ନାହିଁ। ଆସନ୍ତାକାଲିର ଯୁଦ୍ଧରେ ସେ ନିଶ୍ଚିତ ଦ୍ୱିଗୁଣ ବଳ ନେଇ ଯୁଦ୍ଧ କରିବେ। ତାଙ୍କ କଥାରେ ବିଶ୍ୱାସ ଆଣିବା ଅସମ୍ଭବ।

ପରଦିନ ପିତାମହ ଭୀଷ୍ମ କୌରବ ସେନାଧକ୍ଷର ଦାୟିତ୍ୱ ନିଜେ ନେଇଥିଲେ। ସେଦିନ ତାଙ୍କର ଅଜସ୍ର ବାଣ ବର୍ଷଣରେ ପାଣ୍ଡବ ପକ୍ଷର ବହୁ ସୈନ୍ୟ ଧରାଶାୟୀ ହୋଇଗଲେ। ଯୁଦ୍ଧ ଆରମ୍ଭର ପ୍ରଥମ ପାଞ୍ଚଦିନ ସେ ସେନାଧକ୍ଷ ଥିଲେ ମଧ୍ୟ କେବଳ କୃଷ୍ଣ-ଅର୍ଜୁନଙ୍କର ଯୁଦ୍ଧ କରିବାର କୌଶଳ ଓ ରଥ ଚାଳନାକୁ ଲକ୍ଷ୍ୟ କରୁଥିଲେ। ପିତାମହ ଭୀଷ୍ମଙ୍କର ବାଣ ବର୍ଷଣ ଦେଖି ହତଚକିତ ହୋଇଉଠିଲେ ବ୍ରଜରାଜ। ଯଦି ଏହିଭଳି ଭାବରେ ଯୁଦ୍ଧ ପିତାମହ ଚଳାନ୍ତି ତେବେ ଅତି ଅଳ୍ପ ସମୟ ମଧ୍ୟରେ ସମସ୍ତ ପାଣ୍ଡବ ସେନା ଧ୍ୱଂସ ପାଇଯିବେ। ତେବେ ତାଙ୍କର ଏହି ଧରାରେ ଆବିର୍ଭାବର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ଏହିଭଳି ଭାବି ଅର୍ଜୁନଙ୍କ ରଥ ଉପରୁ ସେ ତଳକୁ ଡେଇଁ ପଡ଼ିଲେ। ଏଥିରେ ଧରାଚ୍ଛାଦିତ ପ୍ରକୃତି ଥରି ଉଠିଲା। ଏଣେ ଭୀଷ୍ମ ଦିବ୍ୟାସ୍ତ୍ରମାନ ପ୍ରୟୋଗ କରି ପାଣ୍ଡବସୈନ୍ୟମାନଙ୍କୁ ମାରି ପକାଉଥାନ୍ତି। ସେତିକିବେଳେ ପ୍ରଭୁ ତାଙ୍କୁ ଏପରି ଧ୍ୱଂସଲୀଳାରୁ ଓହରିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଭୀଷ୍ମ ପ୍ରଭୁଙ୍କର ସେପରି ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନକରି ପୂର୍ବଭଳି ଯୁଦ୍ଧ କରିଚାଲିଥିଲେ। ଆଉ ପାଣ୍ଡବ ପକ୍ଷର ଏପରି ସୈନ୍ୟ ଅବକ୍ଷୟ ହେବାର ଦେଖି ପ୍ରଭୁ କର୍କଶ ସ୍ୱରରେ କହିଲେ, "ହେ ଗଙ୍ଗାପୁତ୍ର ଦେବବ୍ରତ! ଏପରି ଯୁଦ୍ଧରୁ କ୍ଷାନ୍ତ ହୁଅ, ନଚେତ୍ ତୁମର ମୃତ୍ୟୁ ହେବା ନିଶ୍ଚିତ। ମୁଁ ଅସ୍ତ୍ର ନ ଧରିବାକୁ ପ୍ରତିଜ୍ଞା କରିଥିଲେ ମଧ୍ୟ ବିନା ଅସ୍ତ୍ରରେ ତୁମକୁ ନିଶ୍ଚୟ ବଧ କରିଦେବି। ତୁମେ ସୃଷ୍ଟିରେ ରହି ଅଶାନ୍ତି କରିଚାଲିଛ। ନିୟତିର ଗତିକୁ ଆଡ଼େଇ ଆଗକୁ ଚାଲିଯାଉଛ।" ମାତ୍ର ପ୍ରଭୁଙ୍କ କଥାକୁ ଭ୍ରୂକ୍ଷେପ ନକରି ଗଙ୍ଗାପୁତ୍ର ଦେବବ୍ରତ ଗର୍ଜନ କରି କହି ଚାଲିଥାନ୍ତି- ମୃତ୍ୟୁ ମୋର ଅଧୀନ, ମୋତେ କେହି ବଧ କରିପାରିବେ ନାହିଁ, ମୁଁ ଅଜେୟ ଇତ୍ୟାଦି।

ବାଣ ପରେ ବାଣ ସେ କ୍ଷେପଣ କରି ଚାଲିଥାନ୍ତି। ସେପରି ତୀକ୍ଷ୍ଣ ନାରାଚମାନରେ ଶତ ଶତ ପାଣ୍ଡବ ସୈନ୍ୟ ଟଳିପଡୁଥାନ୍ତି। ଏପରି ସ୍ଥିତି ଦେଖି ଭଗବାନ ଅର୍ଜୁନଙ୍କ ରଥ ଉପରୁ ତଳକୁ ଡେଇଁ ପଡ଼ିଲେ। ସେତେବେଳେ ପ୍ରଭୁଙ୍କର କରାଳ ରୂପ ଦେଖି ସ୍ତବ୍ଧ ହୋଇଗଲା ପ୍ରକୃତି, ଆଉ ଥରି ଉଠିଲା ଧରା। ଅବେଳରେ ଅବା ପ୍ରଳୟ ଘୋଟି ଆସିଲା। ପାଖରେ ପଡ଼ିଥିବା ଏକ ଭଙ୍ଗା ରଥ ଚକକୁ ଧରି ସେ ଭୀଷ୍ମଙ୍କୁ ମାରିବାକୁ ଆଗେଇ ଗଲେ। ସେତିକିବେଳେ ସବୁଆଡୁ ହା ହା କାର ଶୁଣାଗଲା- 'ତ୍ରାହି ମାଂ-ତ୍ରାହି ମାଂ'। ପୃଥିବୀ ଯୋଡ଼ ହସ୍ତରେ କହି ଉଠିଲେ, "ପ୍ରଭୁ ଆପଣ ଅସ୍ତ୍ର ନ ଧରିବାକୁ ପ୍ରତିଜ୍ଞା କରିଛନ୍ତି। ପୁଣି ଆପଣ ନିଜ କଥା ଭଙ୍ଗ କରିବା ଉଚିତ ନୁହେଁ। ଆପଣ ଶାନ୍ତ ହୁଅନ୍ତୁ ପ୍ରଭୁ।" ନିଜ କାନ୍ଧରେ ପଡ଼ିଥିବା ଉତ୍ତରୀୟକୁ ତଳକୁ ଫୋପାଡ଼ି ଦେଇ ପ୍ରଭୁ କହିଲେ, "ପୃଥିବୀ ତୁମେ ଶାନ୍ତ ହୋଇଯାଅ, ଏହି ଧରାଧୂଳିରେ ମୋ ଆବିର୍ଭାବର ତେବେ କ'ଣ କୌଣସି ଅର୍ଥ ନାହିଁ? ମୁଁ ରହିଥିବା ବେଳେ ଏପରି ଅନ୍ୟାୟକୁ ଆଦୌ ସମର୍ଥନ କରିପାରିବି ନାହିଁ।" ଭୀଷ୍ମଙ୍କୁ ପ୍ରତି ଆକ୍ଷେପ କରି ପୁଣି ଶୁଣାଇ ଦେଲେ, "ହେ ଗଙ୍ଗାପୁତ୍ର ଦେବବ୍ରତ! ମୋର ଇଚ୍ଛାରେ ତୁମେ ବଞ୍ଚି ରହିଛ ଓ ମୋ ଇଚ୍ଛାରେ ହିଁ ତୁମର ମୃତ୍ୟୁ ହେବ। ମୁଁ ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ। ତୁମେ ନିଜକୁ ଇଚ୍ଛା ମୃତ୍ୟୁର ବରଦାନ ପାଇଛ କହି ଯେପରି ଅନ୍ୟାୟ କରିଚାଲିଛ ତାହା ଆଉ କରାଇ ଦେବିନାହିଁ, ମୁଁ ତୁମକୁ ନିଜେ ମାରିଦେବି। ତୁମକୁ ମାରିବା ନିମନ୍ତେ କୌଣସି ଅସ୍ତ୍ରର ଆବଶ୍ୟକତା ନାହିଁ। ଧରିଥିବା ଏହି ଭଙ୍ଗା ରଥ ଚକ୍ରରେ ହିଁ ତୁମର ହେବ ମୃତ୍ୟୁ।" ପ୍ରଭୁଙ୍କର ଏପରି କରାଳ ରୂପ ଓ ଗର୍ଜନ ଶୁଣି ଭୀଷ୍ମଙ୍କ ହାତରୁ ଧନୁ ଖସିପଡ଼ିଲା। ଆପେ ଆପେ ତାଙ୍କର ଯୋଡ଼ହସ୍ତ ଉପରକୁ ଉଠିଗଲା। ପ୍ରଭୁଙ୍କର ସେହି ବିଶାଳ ରୌଦ୍ର ରୂପକୁ ଦେଖି ତାଙ୍କ ଚକ୍ଷୁରୁ ବି ଲୋତକର ଧାର ବହିଗଲା। ଆଉ ନିଜର ମୃତ୍ୟୁର ଗୋପନ କଥା ଯୋଡ଼ ହସ୍ତରେ ଶ୍ରୀକୃଷ୍ଣଙ୍କୁ ଜଣାଇଦେଲେ।

ଶାନ୍ତ ହୋଇଗଲେ ପାର୍ଥସାରଥୀ। ତାଙ୍କ ଅପୂର୍ବ ରୂପଶ୍ରୀ ଶୋଭାରେ ଧରା ଉଲ୍ଲସିତ ହୋଇଉଠିଲା। ଆଉ ଆକାଶରୁ ଦେବଗଣମାନେ ପୁଷ୍ପ ବୃଷ୍ଟି କରିବାରେ ଲାଗିଲେ। ଯୁଦ୍ଧ ପୁଣି ଆରମ୍ଭ ହୋଇଗଲା। ଅର୍ଜୁନଙ୍କୁ ଭୀଷ୍ମଙ୍କ ଉପରକୁ ଶର ନିକ୍ଷେପ କରିବାକୁ ନିର୍ଦ୍ଦେଶ ଦେଇ ପାର୍ଥସାରଥି ନିଜେ ଚଳାଉଥିବା ରଥକୁ ଆଗେଇ ନେଲେ। ତେଣେ ହସ୍ତିନାପୁରରୁ ଭାସିଆସିଲା କରାଳକାଳୀ ଅଯୋନିଃସମ୍ଭୂତା ଦ୍ରୌପଦୀଙ୍କର ଘୋର ଅଟ୍ଟହାସ। ଆଉ ସେଥିରେ ଥରିଉଠିଲା ସମଗ୍ର ଯୁଦ୍ଧ ଭୂମି।

# ସ୍ୱନକ୍ଷତ୍ର ଦିବସରେ ବ୍ରହ୍ମଶକ୍ତି ଶ୍ରୀ ବିରଜା



ବିରଜାରତ୍ନ ପଣ୍ଡିତ
ଭୂପତି ଭୂଷଣ ମିଶ୍ର
ସଭାପତି,
ବିରଜାମଣ୍ଡଳ ଗଣକମଣ୍ଡଳୀ ଓ
ପଣ୍ଡିତ ସଭା,
ଯାଜପୁର

ଯେଉଁ ଭୂମି, ଜଳ, ପବନ ଓ ପ୍ରାକୃତିକ ପରିବେଶର ମଧୁର ସ୍ପର୍ଶରେ ମନୁଷ୍ୟ ସକଳ ପାପତାପରୁ ମୁକ୍ତିଲାଭ କରି ଆଧ୍ୟାତ୍ମିକ ସୁଖକୁ ଅନୁଭବ କରିପାରେ ତାହାର ନାମ ତୀର୍ଥ। ଏହିଦୃଷ୍ଟିରୁ ଭଗବାନ ବ୍ୟାସଦେବ ବିରଜାଭୂମି ଯାଜପୁରକୁ ବିରଜା ତୀର୍ଥର ମାନ୍ୟତା ପ୍ରଦାନ କରିଥିଲେ ମହାଭାରତ ମହାଗ୍ରନ୍ଥର ମହନୀୟ ପୃଷ୍ଠାରେ । ପରବର୍ତ୍ତୀ ସମୟରେ ଗରୁଡ଼ ପୁରାଣ ଆଉ ଏକପାଦ ଆଗକୁ ଯାଇ ଘୋଷଣା କଲେ – ବିରଜସ୍ତୁ ମହାତୀର୍ଥମ୍ । ପ୍ରାଚୀନ ପୁରାଣ, ତନ୍ତ୍ର ଓ ଲୋକସାହିତ୍ୟ ପ୍ରଭୃତିରେ ଏହି ବିରଜା କ୍ଷେତ୍ରର ମହତ୍ତ୍ୱ ଓ ବୈଶିଷ୍ଟ୍ୟ ବହୁଭାବରେ ବର୍ଣ୍ଣିତ ହୋଇଛି । ବିରଜା ଦେବୀ ଏହି କ୍ଷେତ୍ରର ଆରାଧ୍ୟା ମାତୃଶକ୍ତି, ଯାହାଙ୍କର ଆବିର୍ଭାବ ବିଷୟ କେବଳ ଏକ ପୌରାଣିକ କଥା ନୁହେଁ ବରଂ ଏକ ଆଧ୍ୟାତ୍ମିକ ଓ ସଂସ୍କୃତିକ ଗାଥା ।



ବିରଜା ଦେବୀଙ୍କର ଆବିର୍ଭାବ କେଉଁ ସମୟରେ ଓ କିପରି ଭାବରେ ହୋଇଥିଲା ତାହା ଏବେ ମଧ୍ୟ ରହସ୍ୟମୟ । ତେବେ ବିରଜାକ୍ଷେତ୍ର ମାହାତ୍ମ୍ୟର ବର୍ଣ୍ଣନା ଅନୁଯାୟୀ ପିତାମହ ବ୍ରହ୍ମା ଶାପମୁକ୍ତି ପାଇଁ ଏହି ପରମ ପାବନ କ୍ଷେତ୍ରରେ ଯେଉଁ ବିଶାଳ ଯଜ୍ଞର ଆୟୋଜନ କରିଥିଲେ, ସେହି ଯଜ୍ଞର ଦକ୍ଷିଣ ନାମକ ଅଗ୍ନିକୁଣ୍ଡରୁ ପ୍ରଭୁ ଈଶାନେଶ୍ୱରଙ୍କର ଓ ଗାର୍ହପତ୍ୟ ଅଗ୍ନିକୁଣ୍ଡରୁ ମହାମାୟା ବିରଜାଙ୍କର ଆବିର୍ଭାବ ଘଟିଥିଲା । ଶାସ୍ତ୍ରୀୟ ବିବରଣୀ ଓ ପରଂପରାଗତ ବିଶ୍ୱାସ ଅନୁଯାୟୀ ଦେବୀଙ୍କର ଆବିର୍ଭାବର ପୁଣ୍ୟକାଳ ଥିଲା ମାଘମାସର ତ୍ରିବେଣୀ ଅମାବାସ୍ୟା ତିଥି । ସେହିଦିନ ଶ୍ରବଣା ନକ୍ଷତ୍ରଯୁକ୍ତ ମକର ଚନ୍ଦ୍ରର ମଧ୍ୟାହ୍ନ ସମୟରେ ଦେବୀଙ୍କର ଆବିର୍ଭାବ ଘଟିଥିଲା ଏହି ପୁଣ୍ୟକ୍ଷେତ୍ରରେ । ଏହି ବିଷୟରେ ବ୍ରହ୍ମତନ୍ତ୍ରରୁ ସୂଚନା ମିଳିଥାଏ–

**ମାଘଦର୍ଶେ ସମୁଦ୍‌ଭୂତା**
**ରବିକୋଟି ସମପ୍ରଭା**
**ମାଧବକ୍ଷେ ଚ ମଧ୍ୟାହ୍ନେ ବିରଜା**
**ସା ସନାତନୀ**
**ଗାୟତ୍ରୀ ମନ୍ତ୍ରରାଜେନ ତସ୍ୟାଃ**
**ପୂଜାଂ ସମାଚରେତ୍ ॥**

ଏହି ଶାସ୍ତ୍ରୀୟ ପୃଷ୍ଠଭୂମିରେ ଶ୍ରୀ ବିରଜାଙ୍କର ସ୍ୱନକ୍ଷତ୍ର ଉତ୍ସବ କେଉଁ ଆବହମାନକାଳରୁ ପାଳିତ ହୋଇଆସୁଛି । ଏହି ଦିବସରୁ ବିରଜାଙ୍କୁ ବ୍ରହ୍ମଶକ୍ତି ସାବିତ୍ରୀ ବେଶରେ ସଜ୍ଜିତ କରାଯାଇଥାଏ । ଚତୁର୍ମୁଖ ବ୍ରହ୍ମାଙ୍କ ପରି ଦେବୀଙ୍କର ଚାରୋଟି ମୁଖ ଶୁଭ୍ର ଶୋଲରେ ତିଆରି କରାଯାଇଥାଏ । ପ୍ରଥମ ମୁଖଟି ମୁକ୍ତାପରି ଧଳା, ଦ୍ୱିତୀୟ ମୁଖଟି ପୋହଳା ପରି ରକ୍ତବର୍ଣ୍ଣ, ତୃତୀୟ ମୁଖଟି ସୁବର୍ଣ୍ଣ ପରି ହଳଦୀ ବର୍ଣ୍ଣ ଓ ଚତୁର୍ଥ ମୁଖଟି ଶ୍ୟାମବର୍ଣ୍ଣ ହୋଇଥାଏ। ପ୍ରତି ମୁଖରେ ତିନୋଟି ଲେଖାଏଁ ଆଖି ଓ ପ୍ରତି ମସ୍ତକରେ ଅର୍ଦ୍ଧଚନ୍ଦ୍ରଯୁକ୍ତ ରତ୍ନମୁକୁଟ ଶୋଭାପାଇଥାଏ । ପଞ୍ଚାଶଦ୍ ବର୍ଣ୍ଣମୟୀ ସାବିତ୍ରୀ ବେଶଧାରିଣୀ ଦେବୀଙ୍କ ଭୁଜରେ ବର, ଅଙ୍କୁଶ, ଅଭୟ ଆଦି ଆୟୁଧ ଶୋଭା ପାଇଥାଏ । ଏହି ଦିବସରେ ଦେବୀଙ୍କୁ ମନ୍ତ୍ରରାଜ ଗାୟତ୍ରୀରେ ପୂଜା କରାଯାଏ । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ । ଗାୟତ୍ରୀ ହେଉଛନ୍ତି ବେଦମାତା । ଗାୟତ୍ରୀ ମନ୍ତ୍ରର ପ୍ରତିଟି ଅକ୍ଷର ଜ୍ୟୋତି, ଜ୍ଞାନ ଓ ଶକ୍ତିର ପ୍ରତୀକ ଏବଂ ଋକ୍, ଯଜୁଃ, ସାମବେଦରେ ସ୍ଥାନୀତ ହୋଇଛି।

ଶ୍ରୀ ବିରଜା ମଧ୍ୟ ଯଜ୍ଞ ଅଗ୍ନିରୁ ଜାତ ହୋଇଥିବାରୁ ଜ୍ୟୋତି ସ୍ୱରୂପା, ଅଜ୍ଞାନରୂପକ ମହିଷକୁ ବଧ କରିଥିବାରୁ ଜ୍ଞାନ ସ୍ୱରୂପା ଏବଂ ବିଷ୍ଣୁମାୟା ସହିତ ସମ୍ପୃକ୍ତ ହୋଇଥିବାରୁ ଶକ୍ତିସ୍ୱରୂପା । ଦେବୀଙ୍କର ରୂପ ଯେପରି ତ୍ରିଶକ୍ତିମୟୀ, ଗାୟତ୍ରୀ ମନ୍ତ୍ର ମଧ୍ୟ ସେହିପରି ତ୍ରିଶକ୍ତିର ପ୍ରତୀକ । ଶାସ୍ତ୍ର ମତରେ ବିରଜା ବ୍ରହ୍ମ ସ୍ୱରୂପା ଓ ଗାୟତ୍ରୀ ଶବ୍ଦ ସ୍ୱରୂପା ।

**ବିରଜା ସା ମହାଦେବୀ**
**ପରଂବ୍ରହ୍ମରୂପିଣୀ**
**ଗାୟତ୍ରୀ ବେଦମାତା ଚ**
**ଶବ୍ଦବ୍ରହ୍ମରୂପିଣୀ॥**

ସାଧାରଣତଃ ବୈଦିକ କାଳ ବିଭାଜନ ଦୃଷ୍ଟିରୁ ବର୍ଷକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ପ୍ରଥମଟି ଦେବଯାନ ବା ଉତ୍ତରାୟଣ । ଏହାର ଅବଧି ମାଘମାସ ପରଠାରୁ ଶ୍ରାବଣମାସ ପର୍ଯ୍ୟନ୍ତ । ଏହି ସମୟରେ ଉଜ୍ଜ୍ୱଳତାର ପ୍ରତୀକ ଦେବତାଙ୍କର ପୂଜା କରାଯାଏ। ଦ୍ୱିତୀୟ ଭାଗଟି ପିତୃଯାନ ବା ଦକ୍ଷିଣାୟନ । ଏହାର ଅବଧି ଶ୍ରାବଣ ପର ଭାଦ୍ରବଠାରୁ ମାଘ ପର୍ଯ୍ୟନ୍ତ। ଏହି ସମୟରେ ପିତୃପୁରୁଷମାନଙ୍କୁ ପୂଜା କରାଯାଏ । ବିଶେଷତଃ ଅମାବାସ୍ୟା ହେଉଛି ଘନ ଅନ୍ଧକାରର ସମୟ । ଏଣୁ ମାଘମାସର ଆମାବସ୍ୟା ବୈଦିକ ପିତୃଯାନ ସମୟ ଅଟେ । ଏହି ତିଥିରେ ବିରଜାଙ୍କର ଆବିର୍ଭାବ ହୋଇଥିବା ଦୃଷ୍ଟିରୁ ପିତୃକନ୍ୟାରୂପେ ବିରଜାଙ୍କର ପିତୃପୁରୁଷମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରହିବା ସ୍ୱାଭାବିକ । ବିରଜାଙ୍କର ଏହି ଜନ୍ମ ଦିବସ ମାଘମାସ ଅମାବାସ୍ୟା ତିଥିରେ ପାଳନ କରିବା ପଛରେ ଏହି ତଥ୍ୟ ରହିଛି ।

ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ସମ୍ପର୍କରେ କେତେକ ଗବେଷକ ମତ ଦିଅନ୍ତି ଯେ, ମହାରାଜ ଯଯାତିକେଶରୀଙ୍କ ଶାସନ କାଳର ଆରମ୍ଭରେ ବିରଜାକ୍ଷେତ୍ର ଓ ବିରଜାଙ୍କ ପୂଜା ପଦ୍ଧତିରେ ତାନ୍ତ୍ରିକଧାରାର ବହୁଳ ପ୍ରଚଳିତ ଥିଲା । ଏଣୁ ଯଯାତିକେଶରୀ ତାନ୍ତ୍ରିକଧାରାକୁ ଅପସାରିତ କରିବାପାଇଁ ଯଜ୍ଞ ମାଧ୍ୟମରେ ଦେବୀଙ୍କ ପୂଜା ପଦ୍ଧତିରେ ସଂସ୍କାର ଆଣି ବୈଦିକ ଗାୟତ୍ରୀ ମନ୍ତ୍ରରେ ପୂଜା କରାଯିବାର ବିଧି ପ୍ରଚଳନ କରିଥିଲେ। ସମୟକ୍ରମେ ସେହି ସଂସ୍କାରମୂଳକ ପଦକ୍ଷେପ ପରିବର୍ତ୍ତିତ ହୋଇଗଲା, କିନ୍ତୁ ତାହାର ସ୍ମୃତିରୂପରେ ରହିଯାଇଛି ସ୍ୱନକ୍ଷତ୍ର ଦିବସର ଗାୟତ୍ରୀ ମନ୍ତ୍ରରେ ପୂଜା ବିଧିବିଧାନ । ସ୍ୱନକ୍ଷତ୍ର ଅବସରରେ ଭଗବତୀ ବିରଜାଙ୍କୁ ବ୍ରହ୍ମରୂପିଣୀ ସାବିତ୍ରୀ ବେଶରେ ଦର୍ଶନ କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ଶାସ୍ତ୍ରୀୟମତ ରହିଛି । ଏଥିପାଇଁ ବହୁ ଭକ୍ତ ସ୍ୱନକ୍ଷତ୍ର ଦିବସରେ ମା'ଙ୍କର ଦର୍ଶନ ପାଇଁ ଆସି ଭକ୍ତିର ଅର୍ଘ୍ୟ ନିବେଦନ କରିଥାନ୍ତି ।

# ସ୍କୁଲ ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ଦିଆଯିବାକୁ ଥିବା କ୍ଷୀର ଓ ଭୋଜନ ପାଇଁ ଏକ ଉତ୍କୃଷ୍ଟ ସଂସ୍ଥା ସହିତ ସରକାର ଚୁକ୍ତି କରିବା ଉଚିତ୍



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର
ମୋ-୯୪୩୭୦୮୪୩୧୨

ମଧ୍ୟାହ୍ନ ଭୋଜନ ଯୋଗାଣ ଦ୍ୱାରା ସରକାରୀ ସ୍କୁଲ ଗୁଡ଼ିକରେ ବିଦ୍ୟାର୍ଥୀ ମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଓ ବିପିଏଲ ତାଲିକା ଭୁକ୍ତ ଶ୍ରେଣୀର ଲୋକଙ୍କ ପିଲା ମାନଙ୍କୁ ଶିକ୍ଷା ପାଇଁ ଆକର୍ଷିତ କରିବାକୁ ଏହି ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଫଳରେ ଲୋକମାନେ ସେମାନଙ୍କ ପିଲାମାନଙ୍କୁ ସ୍କୁଲ ପଠାଇବାକୁ ଅମଙ୍ଗ ହେବେ ନାହିଁ । ଏହି ଯୋଜନାରେ ସୋମବାର ଓ ମଙ୍ଗଳବାର ଭାତ, ଡାଲମା , ମଙ୍ଗଳବାର ଓ ଶୁକ୍ରବାର ଭାତ, ସୋୟାବିନ, ବୁଧବାର ଓ ଶନିବାର ଭାତ ଓ ଅଣ୍ଡା ତରକାରି ବ୍ୟବସ୍ଥା ରହିଛି। ଏହା ଅତି ସୁନ୍ଦର ବ୍ୟବସ୍ଥା । କିନ୍ତୁ ଏହାର ଯେଉଁ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା ତାହା ଅତି କମ୍ ଥିବାରୁ ବର୍ତ୍ତମାନର ସରକାର ପୁରୁଣା ମୂଲ୍ୟ ଉପରେ ଅଧିକ ଏକ ଟଙ୍କା ବୃଦ୍ଧି କରି ନୂତନ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି କିନ୍ତୁ ବର୍ତ୍ତମାନର ଏହି ମାହାଙ୍ଗା ଯୁଗରେ ତାହା କେତେଦୂର ସଫଳ ହେବ ତାହା ସମୟ ହିଁ କହିବ । ଏବେ ସରକାର ଛାତ୍ର ଛାତ୍ରୀ ମାନଙ୍କ ପୌଷ୍ଟିକତା ବୃଦ୍ଧି କରିବାକୁ ଏହି ମଧ୍ୟାହ୍ନ ଭୋଜନ ସହିତ ୨୦୦ ml ଓମ୍ଫେଡ ଓ ନ୍ୟାସନାଲ ଡାଇରୀ ଡେଭଲପମେଣ୍ଟର ସହଯୋଗିତାରେ କ୍ଷୀର ଦିଆଯିବ । ସରକାର ସବୁ ବ୍ୟବସ୍ଥା କରିଛନ୍ତି ସତ କିନ୍ତୁ ଏହି ଯୋଜନା ରେ ବାଟମାରଣା ଅଧିକ ହେଉଛି । କେବେ ପିଲାମାନଙ୍କୁ ପୋକଡା ଚାଉଳ ଦିଆଯାଉଛି ତ କେବେ ପୋକଡ଼ା ଡାଲି, ପଚା ଅଣ୍ଡା , ଖରାପ ପରିବା ଆସୁଛି ଯାହାର ମାନ ଅତି ନିକୃଷ୍ଟ ଧରଣର ହେଉଛି। କେବେ କେବେ ଡାଲମାରେ କିଛି ପରିବା ରହୁ ନାହିଁ ବା ରୋଷେଇ ସମୟରେ ଅବହେଳା ଯୋଗୁଁ ଖାଦ୍ୟରେ ଝିଟିପିଟି ଅସରପା ପଡ଼ି ଯାଉଛନ୍ତି ଓ ଏଥିପାଇଁ ଅଭିଭାବକ ମାନେ ଅନେକ ସମୟରେ ଏହାର ପ୍ରତିବାଦ କରିଛନ୍ତି। ଛାତ୍ର ଛାତ୍ରୀ ମାନେ ମଧ୍ୟ ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ତାର ଫଳ ଶୂନ୍ୟ । କେହି ଉପର ସ୍ତରରେ ଶୁଣୁ ନାହାନ୍ତି। ଏତେ ଅବ୍ୟବସ୍ଥା ଘେରରେ ମଧ୍ୟାହ୍ନ ଭୋଜନ ଯୋଗାଣ ଥାଇ ପୁଣି ସରକାର ପିଲାମାନଙ୍କୁ ଭୋଜନ ସହିତ କ୍ଷୀର ଦେବାକୁ ଚିନ୍ତା କରିଛନ୍ତି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।କିନ୍ତୁ ଏଥିରେ ମଧ୍ୟ ଯୋଗାଣ କ୍ଷୀର ଉତ୍କୃଷ୍ଟ ଧରଣର ଆସିବ ତାପରେ ସେଥିରେ ଅନେକ ମିଶ୍ରଣ ଯେ ନ ହେବ ତାର ଗ୍ୟାରେଣ୍ଟି କିଏ ଦେବ ? କେବେ କେବେ ଅଳ୍ପ ଦୁଗ୍ଧ ଯୋଗାଣ ହୋଇ ପୁରା ଦର୍ଶାଇ ଦିଆଯିବ ଯାହାର କି କୌଣସି ହିସାବ ରହି ପାରିବ ନାହିଁ। ତେଣୁ ଏ ସବୁ ପ୍ରକାରର ଅସୁବିଧାକୁ ଦୂର କରିବାକୁ ସରକାର ଯେପରି ଅକ୍ଷୟ ପାତ୍ର ସଂସ୍ଥା ସହିତ ବା ସେହିପରି ଅନ୍ୟ କୌଣସି ଏକ ଉତ୍ତମ ପୌଷ୍ଟିକ ରୋଷେଇ ଖାଦ୍ୟ ପରିବେଷଣ କରୁଥିବା ସଂସ୍ଥା ସହିତ ଯୋଗାଯୋଗ କରି ତାହା ମାଧ୍ୟମରେ ସ୍କୁଲ ପିଲା ମାନଙ୍କୁ ବଣ୍ଟନ କରାଗଲେ ସମସ୍ତେ ଉପକୃତ ହେବେ। ତାଛଡା ପ୍ରତି ସମୟରେ ଯେଉଁ ମଧ୍ୟାହ୍ନ ଭୋଜନ ପାଇଁ ରଖାଯାଉଥିବା ରୋଷେୟା, ତାଙ୍କ ସହକାରୀ ମାନଙ୍କ ନିଜ ସୁବିଧା ସୁଯୋଗ ପାଇବା ପାଇଁ କରୁଥିବା ଆନ୍ଦୋଳନ, ଖାଦ୍ୟ ଯୋଗାଣରେ ଅନୟମିତତା, ଖାଦ୍ୟରେ ଅପମିଶ୍ରଣ ଇତ୍ୟାଦି ବନ୍ଦ୍ ହୋଇ ଯାଇ ଛାତ୍ର ଛାତ୍ରୀମାନେ ଉତ୍ତମ ଖାଦ୍ୟ ପାଇ ପାରନ୍ତେ ଓ ସରକାରଙ୍କ ଯୋଜନାଟି ସଫଳ ହୋଇ ପାରନ୍ତା । ଏଥିରେ ସ୍କୁଲ ପିଲାଙ୍କ ଅପପୁଷ୍ଟି ଓ ରକ୍ତହୀନତା ଦୂର କରିବାକୁ ଚେଷ୍ଟା କରିବା ପାଇଁ ଓଡ଼ିଶା ସରକାରଙ୍କ ଯୋଜନାଟି ଶତ ପ୍ରତିଶତ ସଫଳ ହୁଅନ୍ତା। ତେଣୁ ପ୍ରତି ସ୍କୁଲ ଯେଉଁ ଠାରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଅଛି ସ୍କୁଲ ମାଧ୍ୟମରେ ତାହା ବନ୍ଦ୍ କରି କୌଣସି ଏକ ଉତ୍ତମ ଓ ପୌଷ୍ଟିକ ଯୋଗାଣକାରୀ ଯେଉଁ ମାନେକି ବିନା ଲାଭରେ ଛାତ୍ର ଛାତ୍ରୀ ମାନଙ୍କୁ ଖାଦ୍ୟ ଯୋଗାଣ କରିବାକୁ ଆଗ୍ରହୀ ହେବେ ସେମାନଙ୍କ ମଧ୍ୟରୁ କାହାକୁ ଚୟନ କରି ଦାୟିତ୍ୱ ଦିଆଗଲେ ସରକାରଙ୍କ ଯୋଜନାଟି ଅତ୍ୟନ୍ତ ଭାବରେ ସଫଳ ହେବ ଏଥିରେ ଦ୍ୱିମତ ନାହିଁ । ଏବେ ଯେପରି ମାତ୍ରାରେ ପ୍ରତି ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଅତି ମାତ୍ରାରେ ବୃଦ୍ଧି ହୋଇ ଚାଲିଛି ସରକାର ଯେଉଁ ଏକ ଟଙ୍କା ବଢାଇଛନ୍ତି ତାହା ଯଥେଷ୍ଟ ନୁହେଁ ଏହାକୁ ସରକାର ଆଉଥରେ ବିଚାର କରି କୌଣସି ଏକ ଉତ୍କୃଷ୍ଟ ସଂସ୍ଥା ସହିତ ଯୋଗାଯୋଗ କରି ନିରୀହ ଅବହେଳିତ ସ୍କୁଲ ପିଲାମାନଙ୍କ ପ୍ରତି ଆଉ ଅବହେଳା ନ କରି ଏହାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଜାନୁଆରୀ ୨୦୨୫ ବୁଧବାର

# ଆଭା

## ଅନେକ ରୋଗରୁ ମୁକ୍ତିଦିଏ ହୋମିଓପ୍ୟାଥି




ହୋମିଓପ୍ୟାଥି ଔଷଧ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହି ବିକଳ୍ପ ବ୍ୟବସ୍ଥାର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି, ହୋମିଓପ୍ୟାଥି ହେଉଛି ଏକ ଚିକିତ୍ସା ବ୍ୟବସ୍ଥା, ଯାହା ଶରୀର ନିଜେ ନିଜକୁ ସୁସ୍ଥ କରିପାରେ। ଆରୋଗ୍ୟ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ପାଇଁ ରୋଗ ଉପରେ ନିର୍ଭର କରି ଔଷଧ ଦିଆଯାଏ, ଯାହା ଦ୍ୱାରା ଶରୀର ଏହି ଦୋଷକୁ ନିଜେ ଭଲ କରିପାରେ।

ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ହୋମିଓପରିବାର: ଏକ ସ୍ୱାସ୍ଥ୍ୟ, ଏକ ପରିବାର। ବିଶେଷଜ୍ଞମାନେ କହିଛନ୍ତି, ହୋମିଓପ୍ୟାଥିକ ଔଷଧ ଏବଂ ଏହାର ସଫଳତା ହାର ବିଷୟରେ ସଚେତନତା ବଢ଼ାଇ ଅନେକ ପ୍ରକାରର ସମସ୍ୟା ଉପଶମ ହୋଇପାରିବ।

ବିଶେଷଜ୍ଞମାନେ କହିଛନ୍ତି, ହୋମିଓପ୍ୟାଥି ପଛରେ ଏକ ମୌଳିକ ଧାରଣା ହେଉଛି ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ କରାୟତ କରି ରୋଗର ଚିକିତ୍ସା କରିବା। ଉଦାହରଣ ସ୍ୱରୂପ, ପିଆଜ ଆପଣଙ୍କ ଆଖିରେ ପାଣି ଆଣିଥାଏ। ତେଣୁ ଏହା ଆଖି ଆଲର୍ଜି ଚିକିତ୍ସାରେ ବ୍ୟବହୃତ ହୋଇପାରେ। ହୋମିଓପ୍ୟାଥି ବିଶ୍ୱାସ କରେ ଯେ, ଏହାର ମାତ୍ରା କମ୍ ହେଲେ ଔଷଧ ଅଧିକ ଶକ୍ତିଶାଳୀ ହୋଇଥାଏ।

ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦୀର୍ଘବର୍ଷ ଧରି ଏହି ବିକଳ୍ପ ଔଷଧ ମାଧ୍ୟମରେ ଚିକିତ୍ସା କରାଯାଇ ଉପକୃତ ହୋଇଛି। ଯଥା ଆଲର୍ଜି, ମାଇଗ୍ରେନ, ଡିପ୍ରେସନ, କ୍ରନିକ ଫଟିଗ୍ ସିଣ୍ଡ୍ରୋମ, ରିମାଟଏଡ୍ ଆର୍ଥ୍ରାଇଟିସ, ଅନ୍ତଃନଳୀ ରୋଗ ଏବଂ ପ୍ରିମେନ୍ଷ୍ଟ୍ରୁଆଲ ସିଣ୍ଡ୍ରୋମ ଭଳି ସମସ୍ୟାରେ ହୋମିଓପ୍ୟାଥିର ବ୍ୟବହାର ଉପକାରୀ ବୋଲି ବିବେଚନା କରାଯାଏ।

## ସ୍କିନ୍ ଆଲର୍ଜି ପାଇଁ ଟିପ୍ସ



କସ୍‌ମେଟିକ୍ ପ୍ରଭାବରୁ କିମ୍ବା ପ୍ରଦୂଷଣ, ଖରା ଆଦି ବିଭିନ୍ନ କାରଣରୁ ତ୍ୱଚାରେ ଆଲର୍ଜି ହୋଇଥାଏ। ଏ ସବୁରୁ ରକ୍ଷାପାଇବା ପାଇଁ ଘରୋଇ ଉପାୟ ଆପଣାନ୍ତୁ... ଧୂଳିଧୂଆଁ ଆଦି ପ୍ରଦୂଷଣ କାରଣରୁ ଆଲର୍ଜି ହେଲେ ହଠାତ୍ ତ୍ୱଚା କୁଣ୍ଡାଇହେବା କିମ୍ବା ଛିଙ୍କହେବା, ଆଖିରୁ ପାଣି ବହିବା ଭଳି ସମସ୍ୟା ଦେଖାଦିଏ। ଆଲର୍ଜିରୁ ରକ୍ଷା ପାଇବା ପାଇଁ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ।

ତ୍ୱଚାରେ ଅନ୍ୟ କୌଣସି ପ୍ରକାର ଆଲର୍ଜି ହେଉଥିଲେ ବରଫ ଘଷିଲେ ଲାଭ ମିଳିଥାଏ। ବରଫ ଖଣ୍ଡକୁ ଏକ କପଡ଼ାରେ ବାନ୍ଧି ଆଲର୍ଜି ହୋଇଥିବା ସ୍ଥାନରେ ଘଷନ୍ତୁ। ଖୁବ୍‌ଶୀଘ୍ର ଆରାମ ଲାଗିବ।

ମୁହଁ ବ୍ୟତୀତ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଲର୍ଜି ହେଉଥିଲେ ନଡ଼ିଆ ତେଲକୁ ଉଷୁମ କରି ଲଗାନ୍ତୁ। ନଡ଼ିଆତେଲ ଆଣ୍ଟି ବ୍ୟାକ୍ଟେରିଆଲ ହୋଇଥିବାରୁ ଆଲର୍ଜି ଦୂରକରିବା ପାଇଁ ଏହା ବହୁତ ଭଲ।

ସ୍କିନ୍ ଆଲର୍ଜି ଦୂରକରିବା ପାଇଁ ଆଲୋଭେରା ବହୁତ ଭଲ। ଏହା ଖୁବ୍ ଶୀଘ୍ର ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରିଥାଏ। ଆଲୋଭେରା ଜେଲ୍‌କୁ ଆଲର୍ଜି ହୋଇଥିବା ସ୍ଥାନରେ ଲଗାଇ ଘଣ୍ଟାଏ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଆଲର୍ଜି କମ୍ ହୋଇଯିବ।

ନିମ୍ବରେ ମଧ୍ୟ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ତେଣୁ ନିମ୍ବପତ୍ରର ରସ ବାହାରକରି ଆଲର୍ଜି ହୋଇଥିବା ସ୍ଥାନରେ ଲଗାନ୍ତୁ। ଲଗାତର ଏପରି କଲେ ଆଲର୍ଜିରୁ ମୁକ୍ତି ମିଳିବ।

## ମଶାକାମୁଡ଼ାର ତତ୍କାଳ ଉପଚାର

ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ। ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ୍ୟ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ। ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ। ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ। ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା।

ଆପଲ୍ ସାଇଡର ଭିନେଗାର ଏକ ଭଲ ପ୍ରଦାହ ବିରୋଧୀ ରୂପେ କାମ କରେ। ତୁଳାକୁ ଏହି ଭିନେଗାରରେ ଭିଜାଇ ମଶା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ ମଶାକାମୁଡ଼ା ଜନିତ କୁଣ୍ଡାଇ ହେବା ଓ ଚର୍ମଫୁଲାରୁ ଆରାମ ମିଳିଥାଏ।

ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି। ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇଦେଇଥାଏ। ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇହେବାରୁ ତୁରନ୍ତ ଉପଶମ ଆଣିଥାଏ।

ମଶା କାମୁଡ଼ାର ପ୍ରଭାବ କମାଇବା ଦିଗରେ ଖାଇବା ସୋଡ଼ା ମଧ୍ୟ ଏକ ଅବ୍ୟର୍ଥ ଘରୋଇ ଉପଚାର। ଅଳ୍ପ ଖାଇବା ସୋଡ଼ାରେ ଚାରି ପାଞ୍ଚ ଠୋପା ପାଣି ମିଶାଇ ଏକ ମଲମ ପ୍ରସ୍ତୁତ କରନ୍ତୁ। ତାହାକୁ ମଶାକାମୁଡ଼ା ସ୍ଥାନରେ ଲଗାଇ ୧୦ରୁ ୧୫ ମିନିଟ୍ ପରେ ତାହାକୁ ଧୋଇଦେଲେ ଆଉ କିଛି ଜଳାପୋଡ଼ା ଦୂର ହୋଇଯାଏ। ଘିକୁଆଁରୀ ବା ଆଲୋଭେରା ମଧ୍ୟ ଏଥି ପାଇଁ ଏକ ଅମୋଘ ଅସ୍ତ୍ର। ଆଲୋଭେରା ପତ୍ରକୁ ଭାଙ୍ଗି ତାହାର ବହଳ ରସକୁ ମଶାକାମୁଡ଼ା ସ୍ଥାନରେ ଲଗାଇଲେ ତତ୍କାଳ ଆରାମ ମିଳିଥାଏ।

ତୁଳସୀପତ୍ର ରସକୁ ମଶା କାମୁଡ଼ା ସ୍ଥାନରେ ଲଗାଇଲେ ତାହାର ପ୍ରଦାହବିରୋଧୀ ଗୁଣ କୁଣ୍ଡାଇହେବାକୁ କମାଇଦେବା ସହ ଚର୍ମ ଫୁଲିବାକୁ ମଧ୍ୟ ଦେବନାହିଁ। ସେହିପରି ରସୁଣର ଉଭୟ ପ୍ରଦାହ ବିରୋଧୀ ଓ କବକବିରୋଧୀ (ଆଣ୍ଟିଫଙ୍ଗାଲ) ଗୁଣ ରହିଛି। କିଛି ରସୁଣ ପାଖୁଡ଼ାକୁ ବାଟି ମଲମ ସଦୃଶ ମଶାକାମୁଡ଼ା ସ୍ଥାନରେ ମାରିଲେ ତୁରନ୍ତ ଉପଶମ ମିଳିପାରିବ।



## ଦିନକୁ ଦିନ ବୃଦ୍ଧି ପାଉଛି ତାପମାତ୍ରା

ହିଟ୍‌ୱେଭରେ କଣ କରିବେ




ସାରା ଦେଶରେ ଆରମ୍ଭ ହେବାକୁ ଯାଉଛି ଗ୍ରୀଷ୍ମ ପ୍ରବାହ । କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବେଳେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ଆଗକୁ ମଧ୍ୟ ସ୍ଥିତି ସାଙ୍ଘାତିକ ହେବାର ସମ୍ଭାବନା ଅଛି । ତେବେ ଏଭଳି ସ୍ଥିତିରେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ତେବେ ହିଟ୍‌ୱେଭ କ'ଣ: ଏହା ହେଉଛି ଅସ୍ୱାଭାବିକ ତାପମାତ୍ରା । ଗ୍ରୀଷ୍ମ ଋତୁରେ ହେଉଥିବା ତାପମାତ୍ରା ଠାରୁ ଏହା ସାଧାରଣତଃ ଅଧିକ ହୋଇଥାଏ । ଯଦି କୌଣସି ସ୍ଥାନର ସର୍ବାଧିକ ତାପମାତ୍ରା କ୍ରମାଗତ ଭାବରେ ଦୁଇ ଦିନ ପାଇଁ ୪୫ ଡିଗ୍ରୀରୁ ଅଧିକ ରହିଥାଏ, ତେବେ ଏହାକୁ ହିଟ୍‌ୱେଭ କୁହାଯାଏ । ଆଜିକା ସମୟରେ ଗୋଟିଏ ସ୍ଥାନରେ ତାପମାତ୍ରା ହାରାହାରି ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ । ତେବେ ଅଧିକ ଗ୍ରୀଷ୍ମପ୍ରବାହ କାରଣରୁ ଲୋକଙ୍କୁ ଅଂଶୁଘାତ ହେବା ସହିତ ମୃତ୍ୟୁ ହେବାର ମଧ୍ୟ ସମ୍ଭାବନା ରହିଥାଏ ।

ବର୍ତ୍ତିବାର ତରିକା: ସତର୍କତା: ଘର ବାହାରକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ । କିଛି ସମୟ ଛାଇରେ ରହିବା ପାଇଁ ଚେଷ୍ଟା କରନ୍ତୁ । ବିଶେଷକରି ୧୨ଟାରୁ ୩ଟା ପର୍ଯ୍ୟନ୍ତ ଘରୁ ବାହାରିବାରୁ ଏଡାନ୍ତୁ ।

କଣ ଖାଇବେ: ହାଲୁକା ଭୋଜନ କରନ୍ତୁ । ପାନୀୟ ଯୁକ୍ତ ଫଳ ଖାଇବାର ଅଭ୍ୟାସ କରନ୍ତୁ । ଷ୍ଟ୍ରବେରି, କମଳା, କାକୁଡି ଏବଂ ଲେମ୍ବୁ ପରି ଅଧିକ ଜଳଯୁକ୍ତ ଖାଦ୍ୟ ଆପଣଙ୍କୁ ହାଇଡ୍ରେଟେଡ୍ ଏବଂ ଥଣ୍ଡା ରହିବାକୁ ସାହାଯ୍ୟ କରିବ । ଅଧିକ ମସଲା ଏବଂ ତେଲିଆ ଖାଦ୍ୟରୁ ଦୂରେଇ ରହିବା ଉଚିତ ।

ପାନୀୟ: ଶୋଷିଲା ନଥିଲେ ମଧ୍ୟ ଯଥା ସମ୍ଭବ ପାଣି ପିଇବା ପାଇଁ ଚେଷ୍ଟା କରନ୍ତୁ। ଡିହାଇଡ୍ରେସନ୍ ରୋକିବା ପାଇଁ ପ୍ରତିଦିନ ପ୍ରଚୁର ପାଣି, ଫଳ ରସ କିମ୍ବା ପନିପରିବା ରସ ପିଅନ୍ତୁ । ଇଲେକ୍ଟ୍ରୋଲାଇଟ୍ ଯୁକ୍ତ ପାନୀୟ ପିଅନ୍ତୁ। ଘରେ ତିଆରି ପାନୀୟ ଯେପରିକି ଲସି, ଚାଉଳ ପାଣି, ଲେମ୍ବୁ ପାଣି, ବଟରମିଲକ ପିଅନ୍ତୁ । ଏହା ଶରୀରକୁ ହାଇଡ୍ରେଟ କରିବାରେ ସାହାଯ୍ୟ କରେ।

ଉପଯୁକ୍ତ ପୋଷାକ ପିନ୍ଧନ୍ତୁ: ହାଲୁକା, ସୂତା ପୋଷାକ ପିନ୍ଧନ୍ତୁ । ସୂର୍ଯ୍ୟକିରଣରେ ବାହାରକୁ ଯିବାବେଳେ କଳା ଚଷମା, ଏକ ଛତା, ଟୋପି, ଜୋତା କିମ୍ୱା ଚପଲ୍ ବ୍ୟବହାର କରନ୍ତୁ।

ବ୍ୟାୟାମ ସମୟରେ ସତର୍କତା: ପରିଶ୍ରମଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ। ମଧ୍ୟାହ୍ନ ୧୨ ଟାରୁ ୩ ଟା ମଧ୍ୟରେ ବାହାରେ କାମ କରିବା ଠାରୁ ଦୂରେଇ ରୁହନ୍ତୁ । ମୁଣ୍ଡ ଏବଂ ବେକରେ ଓଦା କପଡା ବ୍ୟବହାର କରନ୍ତୁ । ଅଧିକ ବ୍ୟାୟାମ କରନ୍ତୁ ନାହିଁ । ବାରମ୍ୱାର ଥଣ୍ଡା ପାଣିରେ ସ୍ନାନ କରନ୍ତୁ ନାହିଁ । ଦେହରୁ ଅଧିକ ଝାଳବୋହିଲେ କିମ୍ୱା ପାଟି ଅଠା ଅଠା ଲାଗିଲେ ପ୍ରଚୁର ଭାବରେ ସାଧା ପାଣି, ଓ.ଆର.ଏସ୍, ଓ ପଣା ପିଅନ୍ତୁ । ଅଂଶୁଘାତ ରୋଗୀ ଦେହରେ ବରଫ ଘଷନ୍ତୁ ନାହିଁ। କେହି ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସା ପ୍ରତି ଅବହେଳା କରନ୍ତୁ ନାହିଁ। ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ ।



## ମାଙ୍କଡ଼ସା-ସାପ ବିଷରୁ ହେଉଛି ମଦ ତିଆରି

### ଏମିତି ମଦକୁ ସାବଧାନ ! ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ

ଆଜି ଆମେ ଆପଣଙ୍କୁ ଦୁନିଆର ୫ଟି ଅଜବ ଡ୍ରିଙ୍କ୍ ବିଷୟରେ କହିବାକୁ ଯାଉଛୁ। ଏହି ଡ୍ରିଙ୍କ୍‌ଗୁଡିକ ମଧ୍ୟରୁ କେତେକ ଏତେ ଅଦ୍ଭୁତ ଯେ ସେଗୁଡ଼ିକ ବିଷୟରେ ଜାଣିବା ପରେ, ଆପଣ ସେଗୁଡ଼ିକୁ ପିଇବା ତ ଦୂରର କଥା, ଦେଖିବାକୁ ମଧ୍ୟ ପସନ୍ଦ କରିବେ ନାହିଁ। ଅନେକ ଲୋକ ଅଛନ୍ତି ଯେଉଁମାନେ ଚା-କଫି, ଜୁସ୍, କୋଲ୍ଡ୍ରିଙ୍କ୍ ଭଳି ମଦକୁ ମଧ୍ୟ ସୌଖିନ୍ ପାନୀୟ ଭାବେ ବ୍ୟବହାର କରନ୍ତି। ଆଜିକାଲି ଏସବୁ ପାନୀୟ ଅତି ସାଧାରଣ ହୋଇଗଲାଣି। କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଏତେ ଅଦ୍ଭୁତ ଯେ ଆପଣ ସେମାନଙ୍କ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହୋଇଯିବେ। ଆଜି ଆମେ ଆପଣଙ୍କୁ ଦୁନିଆର ୫ଟି ଅଜବ ଡ୍ରିଙ୍କ୍ ବିଷୟରେ କହିବାକୁ ଯାଉଛୁ। ଏହି ଡ୍ରିଙ୍କ୍‌ଗୁଡିକ ମଧ୍ୟରୁ କେତେକ ଏତେ ଅଦ୍ଭୁତ ଯେ ସେଗୁଡ଼ିକ ବିଷୟରେ ଜାଣିବା ପରେ, ଆପଣ ସେଗୁଡ଼ିକୁ ପିଇବା ତ ଦୂରର କଥା, ଦେଖିବାକୁ ମଧ୍ୟ ପସନ୍ଦ କରିବେ ନାହିଁ।

ସ୍ନେକ୍ ୱାଇନ: ଏହି ତାଲିକାର ପ୍ରଥମ ନାମ ହେଉଛି ସ୍ନେକ୍ ୱାଇନ୍। ଏକ ଆନ୍ତର୍ଜାତୀୟ ୱେବସାଇଟ୍ ଅନୁଯାୟୀ ସ୍ନେକ୍ ୱାଇନ୍ ସାଧାରଣ ମଦ ପରି ଭାତରୁ ତିଆରି ହୋଇଥାଏ, କିନ୍ତୁ ଆପଣ ଏହାର ବୋତଲରେ ଏକ ବିଷାକ୍ତ ସାପ ମଧ୍ୟ ଦେଖିବାକୁ ପାଇବେ। ପ୍ରକୃତ କଥା ହେଉଛି ଏକ ସାପକୁ ଏହି ମଦ ବୋତଲରେ ରଖାଯାଏ ଏବଂ ଏହା ବହୁତ ପୁରୁଣା ହେବା ପରେ ଏହାକୁ ପିଆଯାଏ।

ଖବର ଅନୁଯାୟୀ, ଜାପାନର ଓକିନାୱା ଦ୍ୱୀପ ସହ ଚାଇନାରେ ସ୍ନେକ୍ ୱାଇନ୍ ତିଆରି କରାଯାଇଥାଏ। ମୃତ ସାପକୁ ଏକ ମଦ ବୋତଲରେ ଭର୍ତ୍ତି କରି ଏହାକୁ ମାସ ମାସ ଧରି ରଖାଯାଏ। ଏହିପରି ସାପର ବିଷ ମଦରେ ମିଶିଯାଏ ଏବଂ ଏହା ପାନୀୟ ହୋଇଯାଏ। ଏହି ମଦ ଚୀନ୍, ଭିଏତନାମ ଇତ୍ୟାଦି ସ୍ଥାନରେ ପିଆଯାଏ।

କିଡ୍ସ ବିୟର: ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏମିତି ଏକ ଦେଶ ସେଠାରେ ପିଲାମାନଙ୍କ ପାଇଁ ବିୟର ମଧ୍ୟ ମିଳୁଛି। ଏହାକୁ କିଡ୍ସ ବିୟର୍ କୁହାଯାଏ। ଏହି ବିୟର ଜାପାନରେ ମିଳେ ଯାହାର ସ୍ୱାଦ କୋଲା ପରି, କିନ୍ତୁ ଏଥିରେ ଆଲ୍‌କହଲ୍ ନ ଥାଏ। କିନ୍ତୁ କୌତୁହଳର ବିଷୟ ହେଉଛି ଏହି ବିୟରର ଡିଜାଇନ୍, ଲୁକ୍, ଏଥିରେ ଥିବା ଫୋମ୍, ସବୁକିଛି ପ୍ରକୃତ ବିୟର ପରି ଦେଖାଯାଏ।

ବେଲି ବଟନ୍ ବିୟର: ଆପଣ ନିଶ୍ଚୟ ଦେଖିଥିବେ ଯେ ବେଳେବେଳେ ଆପଣଙ୍କ ନାଭିରେ ମଇଳା ଜମା ହୋଇ ବସିରହିଯାଏ, ଯାହାକୁ ଲୋକମାନେ ଆଙ୍ଗୁଠିରେ ବାହାର କରନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଷ୍ଟ୍ରେଲିଆରେ ଏକ ବିଶେଷ ପ୍ରକାରର ବିୟର ତିଆରି କରାଯାଇଥାଏ, ଯାହା ନାଭିରୁ ବାହାରୁ ଥିବା ଏହି ମଇଳାକୁ ମିଶ୍ରଣ କରି ତିଆରି ହୋଇଥାଏ। ଅଷ୍ଟ୍ରେଲିଆର '୭ ସେଣ୍ଟ ବ୍ରୁରୀ' ଏହି ବିୟର ତିଆରି କରେ।

ଏରାଗୋଗ: ଏକ ୱେବସାଇଟ୍ ରିପୋର୍ଟ ଅନୁଯାୟୀ ମେକ୍ସିକୋରେ ଏକ ସ୍ୱତନ୍ତ୍ର ପ୍ରକାରର କକ୍‌ଟେଲ୍ ତିଆରି କରାଯାଏ, ଯାହା ଏରାଗୋଗ ନାମରେ ଜଣାଶୁଣା। ଯଦି ଆପଣ 'ହ୍ୟାରି ପୋଟର' ଫିଲ୍ମ ଦେଖିଥିବେ, ତେବେ ଆପଣ ମନେରଖିବେ ଯେ ଦ୍ୱିତୀୟ ଭାଗରେ ଏକ ବଡ ସ୍ପାଇଡର୍ ଦେଖିବାକୁ ମିଳେ, ଯାହା ପ୍ରକୃତରେ ଏକ ମାଙ୍କଡସା। ଏହି କକ୍‌ଟେଲ୍‌ରେ ମାଙ୍କଡସା ବିଷ ମିଶାଇ ମଦ୍ୟ ପ୍ରସ୍ତୁତ କରାଯାଏ। ଏହାକୁ ପିଇବା ଦ୍ୱାରା ଜିଭ ବଧିରା ହୋଇଯାଏ।

ଆଣ୍ଟ ଜିନ୍: ଅଷ୍ଟ୍ରେଲିଆରେ ନିର୍ମିତ ଏହି ମଦ ପିମ୍ପୁଡ଼ିରୁ ତିଆରି ହୋଇଥାଏ। ଲୋକମାନେ ମଦ ତଳେ ରହିଥିବା ପିମ୍ପୁଡ଼ିକୁ ମଧ୍ୟ ଚୋବାଇ ଖାଆନ୍ତି। ପ୍ରାଚୀନ କାଳରେ ଅଷ୍ଟ୍ରେଲିଆର ଲୋକମାନେ ମଧ୍ୟ ଏହାକୁ ଔଷଧ ରୂପେ ବ୍ୟବହାର କରୁଥିଲେ।

## ଓଡ଼ିଆ ଘର ପଣା ସ୍ୱାଦରେ ନୁହେଁ ଊଣା




ଫ୍ରୁଟି, ସ୍ପ୍ରାଇଟ୍, ମାଜା କି ରସ୍‌ନା ନୁହେଁ, ପୂର୍ବରୁ ଖରାଦିନେ ଘରକୁ ଅତିଥି ଆସିଲେ ମା', ଆଈ ବା ଜେଜେମା' ବଢ଼ାଇ ଦେଉଥିଲେ ଖାଣ୍ଟି ଓଡ଼ିଆ 'ସର୍ବତ' ବା 'ପଣା'। କେବେ ଲେମ୍ବୁ ମିଶ୍ରି ପଣା ତ କେବେ ପୁଣି ବେଲପଣା। ପର୍ବପର୍ବାଣି ଦିନରେ ଦହି ଗୁଡ଼ ପଣା ଏବଂ ନଡ଼ିଆ, କଦଳୀ ଆଦି ବିଭିନ୍ନ ଫଳ ସହ ଚିନି ଓ ଗୋଲମରିଚ ଗୁଣ୍ଡ ପଡ଼ି ପ୍ରସ୍ତୁତ ଖାଣ୍ଟି ଘରୋଇ ପଣା ଓଡ଼ିଆଙ୍କ ଖାଦ୍ୟ ପରମ୍ପରାର ନିଆରା ନିଦର୍ଶନ। ଏବେ ସମୟ ବଦଳିଲା ଓ ଅତିଥି ଅଭ୍ୟର୍ଥନା ପାଇଁ ଉଭା ହେଲା ଶସ୍ତା, ସୁନ୍ଦର ଓ ସୁସ୍ୱାଦୁ ମୃଦୁପାନୀୟ। ଏହା ଆମ ସମୟ ବଞ୍ଚାଇଲା ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଲା। ଏବେ ସ୍ୱାସ୍ଥ୍ୟ ସଚେତନ ଯୁଗରେ ଲୋକେ ପୁରୁଣା କଥାକୁ ଫେରୁଥିବା ବେଳେ ସବୁଆଡ଼େ ପାରମ୍ପରିକ ପାନୀୟର ଚାହିଦା ବଢ଼ିଛି। ଆଗକୁ ପଣାସଂକ୍ରାନ୍ତି ଆସୁଥିବାରୁ 'ପଣା'କୁ ନେଇ ଉପସ୍ଥାପନା।

### 'ପ୍ରପାନକ'ରୁ 'ପଣା'

ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ 'ପଣା' ଭୋଗ ଅନ୍ୟତମ। ପଣା ଭୋଗ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମେତ ବିଶେଷ ପର୍ବମାନଙ୍କରେ ମଧ୍ୟ ଲାଗି ହୋଇଥାଏ। ପଣାର ସଂସ୍କୃତ ନାମ ହେଉଛି 'ପ୍ରପାନକ' ଅର୍ଥାତ 'ଗୁଡ଼ ବା ନବାତ ମିଶ୍ରିତ ପାନୀୟ'। ଏହି ନାମ ଅପଭ୍ରଂଶ ହୋଇ ପରେ ଓଡ଼ିଆମାନଙ୍କ ପାଖରେ 'ପଣା' ନାମରେ ପରିଚିତ ହୋଇଛି। ମାଦଳାପାଞ୍ଜିରେ ବର୍ଣ୍ଣିତ ତଥ୍ୟ ଅନୁସାରେ ଅତୀତରେ ଶ୍ରୀମନ୍ଦିରରେ ପଣା ପ୍ରସ୍ତୁତ କରୁଥିବା ସେବକଙ୍କୁ 'ପଣା ସୁଆର ସେବକ' ନାମରେ ଅଭିହିତ କରାଯାଉଥିଲା।

### ଭୌମକର ରାଜବଂଶଠାରୁ ପଣା ପ୍ରଚଳନ !

ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣକେଶବ ଷଡ଼ଙ୍ଗୀ କହନ୍ତି, ଶ୍ରୀମନ୍ଦିରରେ ପଣା କେବେଠାରୁ ପ୍ରଚଳିତ ହେଲା, ସେ ନେଇ କୌଣସି ଲିଖିତ ଇତିହାସ ନାହିଁ। ଚୈତ୍ର ସଂକ୍ରାନ୍ତିରୁ ବୈ?ଶାଖ ସଂକ୍ରାନ୍ତିଯାଏ ଏକ ମାସ ସମଗ୍ର ଦେଶରେ ବିଭନ୍ନ ପର୍ବପର୍ବାଣି ପାଳନ ସହ ପଣାପାନ ପରମ୍ପରା ରହିଛି। ଗ୍ରୀଷ୍ମ ଉତ୍ତାପ ବଢୁଥିବାରୁ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ 'ପଣାପାନ' ହେଉଛି ଏକ ବୈଜ୍ଞାନିକ ଚିନ୍ତନ, ଯାହାକୁ ସାଂସ୍କୃତିକ ଜୀବନ ଭିତରେ ମିଶାଇ ଦିଆଯାଇଛି। ବିଶ୍ୱାସ କରାଯାଏ, ୮ମ ଓ ୯ମ ଶତାବ୍ଦୀ ଆଡ଼କୁ ବୌଦ୍ଧ ଧର୍ମର ବିଲୁପ୍ତି ସହ 'ଦେବୀ ଉପାସନା' ଜନଜୀବନକୁ ପ୍ରବେଶ କରିଥିଲା। ସେ ସମୟରେ ପ୍ରଥମେ 'ପଣା' ପ୍ରଚଳନ ହୋଇଥିଲା। ସେତେବେଳେ ରାଜାରାଜୁଡ଼ାମାନେ ଇଷ୍ଟଦେବୀମାନଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରୁଥିଲେ। ଓଡ଼ିଶାରେ 'ଭୌମକର ରାଜବଂଶ'ଠାରୁ ପଣା ସଂସ୍କୃତି ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି।

### ପଣାରେ ଛତୁଆ ଓ ବେଲ କାହିଁକି ?

ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଭାବରେ ପାଳନ କରାଯାଏ। ଏହା ପହିଲା ବୈଶାଖ ଅର୍ଥାତ୍ ବୈଶାଖର ପ୍ରଥମ ଦିନରେ ପଡ଼େ। ଇଂରାଜୀ ମାସାନୁସାରେ ସାଧାରଣତଃ ଏପ୍ରିଲ ୧୩/୧୪ରେ ପଣା ସଂକ୍ରାନ୍ତି ପଡ଼ିଥାଏ। ଏହି ଦିନ ବସନ୍ତଋତୁ ଶେଷ ଓ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥାଏ। ଫଳରେ ସୂର୍ଯ୍ୟ ତାପ ବୃଦ୍ଧି ପାଏ। ଦେହର ଅତ୍ୟଧିକ ତାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟ ପରମ୍ପରାରେ ପଣାକୁ ଯୋଡ଼ି ଦିଆଯାଇଛି। ପେଟ ଥଣ୍ଡା ରଖିବା ଲାଗି ଏହି ସମୟରେ ପାଚୁଥିବା ବେଲ ପଣା କରି ପିଆଯାଏ। ବେଲ ପେଟ ଥଣ୍ଡା ରଖିବା ସହ ହଜମ ଶକ୍ତି ବି ବଢ଼ାଇଥାଏ। ସେହିଭଳି ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟ ଛତୁଆ କରି ଖାଇବାର ବି ଏ ଦିନ ନିୟମ ରହିଛି। ସେଥିଲାଗି ପଣାରେ ଛତୁଆ ମଧ୍ୟ ମିଶାଯାଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରରେ ଛତୁଆ ଓ ପଣା ଭୋଗର ବିଧି ରହିଛି।

### ଓଡ଼ିଶାରେ ପ୍ରଚଳିତ ପଣା

ଲେମ୍ବୁ ମିଶ୍ରି ପଣା: ମାଟି ପାତ୍ରର ଶୀତଳ ଜଳରେ ମିଶ୍ରି ମିଶାଇ, ସେଥିରେ ସାମାନ୍ୟ ଲେମ୍ବୁରସ ମିଶାଇ ଏହାକୁ ପ୍ରସ୍ତୁତ କରିପାରିବେ।

ବେଲପଣା: ଏହାକୁ ପ୍ରସ୍ତୁତ କରିବା ଲାଗି ପାଚିଲା ବେଲର ଶସ ବାହାର କରି ଭଲଭାବେ ଚକଟାଯାଏ। ପରେ ତାକୁ ଛାଣି ସେଥିରେ ଚିନି, ଦହି, ନଡ଼ିଆ ଓ ଗୋଲମରିଚ ଗୁଣ୍ଡ ପକାଯାଏ। ବେଲରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟାରି ଓ ଆଣ୍ଟିଅକ୍ସିଡାଣ୍ଟ୍ ତତ୍ତ୍ୱ ଡାଇରିଆ ଓ ପରିସ୍ରାପୋଡ଼ା ଆଦି ସମସ୍ୟାରୁ ମୁକ୍ତିଦିଏ।

ଦହିପଣା: ଦହିରେ ଗୁଡ଼, ନଡ଼ିଆ କୋରା, କଦଳୀ ଚକଟି, ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଏହି ପଣା ପ୍ରସ୍ତୁତ କରାଯାଇଥାଏ।

ଗୁଡ଼ପଣା: ଶୀତଳ ଜଳରେ ଗୁଡ଼ ସହ ଆମ୍ବଖଣ୍ଡ, ଛେଚାଅଦା ଓ ଗୋଲମରିଚ ଗୁଣ୍ଡ ପକାଇ ଗୁଡ଼ପଣା ପ୍ରସ୍ତୁତ କରାଯାଏ। ଏହାକୁ ପିଇଲେ ଶରୀରରେ ଶୀତଳତା ଆସେ, ଶୁଷ୍କତା ଓ ଦୁର୍ବଳତା ଦୂର ହୁଏ। ଏହା ଅଂଶୁଘାତରୁ ରକ୍ଷା ଦେବା ସହ ସୁଖନିଦ୍ରା କରାଇଥାଏ।

ଗୁଲକନ୍ଦ ପଣା: ଗୋଲାପ ଫୁଲକୁ ବାଟି ମିଶ୍ରି ସହ ଅନ୍ୟାନ୍ୟ ସୁବାସିତ ଦ୍ରବ୍ୟ ଓ ଗୁଲକନ୍ଦ ମିଶାଇ ଏହି ପଣା ପ୍ରସ୍ତୁତ ହୁଏ। ଏହା ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ। ଏହା ଶରୀରରେ ଶୀତଳତା ଆଣିବା ସହ ଶରୀରର ଦୁର୍ଗନ୍ଧ ନିୟନ୍ତ୍ରଣ କରିଥାଏ।

ଛେନାପଣା: ଏହି ପଣା ମହାପ୍ରଭୁ ଜଗନ୍ନାଥଙ୍କର ବେଶ୍ ପ୍ରିୟ। ଖାସ୍‌କରି ପଣାସଂକ୍ରାନ୍ତିରେ ଛେନାପଣା ପ୍ରସ୍ତୁତ ହୁଏ ଓ ମହାପ୍ରଭୁଙ୍କୁ ଲାଗି କରାଯାଏ। ଛେନାକୁ କଦଳୀ, କ୍ଷୀର ଓ ନଡ଼ିଆ କୋରା ସହ ଭଲରେ ଚକଟା ଯାଏ। ସେଥିରେ ସ୍ୱାଦ ଅନୁସାରେ ଅଳେଇଚ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଛେଚାଅଦା ଆଦି ପକାଯାଏ। ଏହି ପଣା ତୃଷ୍ଣା ନିବାରକ, ବଳକାରକ ଓ ସୁନିଦ୍ରା ମଧ୍ୟ ପ୍ରଦାନ କରିଥାଏ।

ଝରପଣା: ପଶ୍ଚିମ ଓଡ଼ିଶାରେ ଏହି ପଣା ଲୋକପ୍ରିୟ। 'ଝରପଣା' ଔଷଧୀୟ ତତ୍ତ୍ୱରେ ଭରପୂର। ସାଧାରଣତଃ ପାଳୁଅରେ ମିଶ୍ରି ଓ ପାନମହୁରି ପକାଇ ଏହା ପ୍ରସ୍ତୁତ ହୁଏ। ଏକ ପାତ୍ରରେ ପାଣି ରଖି ପାଳୁଅକୁ ୨୦ ମିନିଟ୍ ବୁଡ଼ାଇ ରଖିବାକୁ ହୁଏ। ଏହାପରେ ପାଣି ନିଗାଡ଼ି ଅଧଗ୍ଲାସ୍ ପାଣିରେ ସେହି ପାଳୁଅକୁ ଧିମା ଆଞ୍ଚରେ ସିଝାଯାଏ। ଏହା ସିଝିବା ପରେ ବହଳିଆ ମଣ୍ଡରେ ପରିଣତ ହୋଇଯାଏ। ସେହି ମଣ୍ଡ ସହ ଦହି, ଚିନି, ଲୁଣ, ଗୋଲମରିଚ ଗୁଜୁରାତି ଆଦି ଗୁଣ୍ଡ ପକାଇ ପଣା ପ୍ରସ୍ତୁତ କରାଯାଏ। ଏହାକୁ ଥଣ୍ଡା ଥଣ୍ଡା ପିଆଯାଏ।

ଆମ୍ବପଣା: ଆମ୍ବକୁ ସିଝାଇ ତା'ର ରସ ବାହାର କରି ପାଣିରେ ମିଶାଯାଏ। ସେଥିରେ ଚିନି ଅବା ମିଶ୍ରି ମିଶାଇ ଏହା ପ୍ରସ୍ତୁତ କରାଯାଏ। ସେହିପରି କଞ୍ଚା ଆମ୍ବରୁ ମଧ୍ୟ ସ୍ୱାଦିଷ୍ଟ ସର୍ବତ ପ୍ରସ୍ତୁତ ହୁଏ।

## ଶ୍ୱାସରୋଗ ଔଷଧ ବିକ୍ରିରେ ବୃଦ୍ଧି ଘଟିଛି

ଦେଶରେ ଔଷଧ ବିକ୍ରିର ପରିମାଣ ମହାମାରୀ ପୂର୍ବସ୍ତରକୁ ଖସି ଆସିଛି। ଏହି ସମୟରେ ଔଷଧ ଦରରେ ବୃଦ୍ଧି ଦେଖିବାକୁ ମିଳିଛି । ଯାହାଫଳରେ ଗତ ଏପ୍ରିଲ ମାସରେ ଭାରତୀୟ ଫାର୍ମା ବଜାର(ଆଇପିଏମ୍)ରେ ଔଷଧର ବିକ୍ରି ୨୦୧୯ ଏପ୍ରିଲ ତୁଳନାରେ ମାତ୍ର ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। ହୃଦ୍‌ରୋଗ, ମଧୁମେହ, ଭିଟାମିନ ଆଦି ଔଷଧ ବିକ୍ରିରେ ହ୍ରାସ ହୋଇଥିବା ବେଳେ ଶ୍ୱାସଜନିତ ରୋଗ, ଆଣ୍ଟି-ଇନ୍‌ଫେକ୍‌ଟିଭ ଏବଂ ପେନ ଏବଂ ଆନାଲଜେସିକ୍ସ ବିକ୍ରିରେ ବୃଦ୍ଧି ନଜରକୁ ଆସିଛି। ଫାର୍ମାରାକ ଆୱାକ୍ସ ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଆଇପିଏମ୍‌ର ବାର୍ଷିକ ଅଭିବୃଦ୍ଧି ୨୦୧୯ ଏପ୍ରିଲ ତୁଳନାରେ ୨୦୨୩ ମସିହାରେ ୬ ପ୍ରତିଶତ ରହିଛି। ହେଲେ ୨୦୨୨ ତୁଳନାରେ ମାତ୍ର ୧.୯ ପ୍ରତିଶତ ବୃଦ୍ଧି ହୋଇଛି । ଭିଟାମିନ ଔଷଧର ବିକ୍ରି ବିୟୁକ୍ତ ୨.୨ ପ୍ରତିଶତ ରହିଛି। ହୃଦ୍‌ରୋଗ, ମଧୁମେହ ଔଷଧର ଅଭିବୃଦ୍ଧି ଏକ ଅଙ୍କରେ ସୀମିତ ରହିଛି। ଡାକ୍ତର-ବିଶେଷଜ୍ଞଙ୍କ ମତରେ କୋଭିଡ୍ ପରେ ଲୋକମାନଙ୍କଠାରେ ଶ୍ୱାସରୋଗ ବୃଦ୍ଧି ପାଇଛି । ତେଣୁ ଅନ୍ୟ ଔଷଧର ବିକ୍ରି ହ୍ରାସ ପାଉଥିବା ବେଳେ ଶ୍ୱାସରୋଗ ଔଷଧର ବିକ୍ରି ବଢ଼ିଛି।

ଫାର୍ମାରାକ ଆୱାକ୍ସର ଉପ-ସଭାପତି ସୀତଲ ସାପଲେଙ୍କ ମତରେ, ଏପ୍ରିଲ ମାସରେ ଅଧିକାଂଶ ଔଷଧର ବିକ୍ରି ହ୍ରାସ ପାଇଛି। ୨୦୧୯ ମସିହାରେ ଆଇପିଏମ୍‌ର ବଜାର ୧୩୨,୮୧୦ କୋଟି ଟଙ୍କା ଥିବା ବେଳେ ୨୦୨୩ରେ ଏହା ୧୮୪,୮୫୯ କୋଟିକୁ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଏଥିରେ ୯.୭ ପ୍ରତିଶତ ବୃଦ୍ଧି ହୋଇଛି। ହୃଦ୍‌ରୋଗ ଜନିତ ଔଷଧର ବିକ୍ରି ୨୦୧୯ ମସିହାରେ ୧୬,୫୨୭ କୋଟି ଥିବା ବେଳେ ୨୦୨୩ ଏପ୍ରିଲରେ ଏହା ୨୩,୯୯୯ କୋଟିରେ ପହଞ୍ଚିଛି। ବିକ୍ରି ପରିମାଣ ନୁହେଁ, ଔଷଧ କମ୍ପାନିମାନେ ଔଷଧର ଦର ବୃଦ୍ଧି କରିବା ଫଳରେ ଏହି ବୃଦ୍ଧି ଦେଖିବାକୁ ମିଳିଛି। ଯଦି ବାର୍ଷିକ ବିକ୍ରିକୁ ହିସାବକୁ ନିଆଯାଏ ତା'ହାଲେ ଏହି ସମୟରେ ଔଷଧ ବିକ୍ରି ପରିମାଣ ୧.୯ ପ୍ରତିଶତରେ ଏକପ୍ରକାର ସ୍ଥିର ଥିବା ବେଳେ ଔଷଧର ଦର ବୃଦ୍ଧି ୫.୯ ପ୍ରତିଶତ ରହିଛି।।

ସେହିପରି ଏକ ଔଷଧ କମ୍ପାନିର ବରିଷ୍ଠ ଅଧିକାରୀ କହିଛନ୍ତି, ଔଷଧର ବିକ୍ରି ଅଭିବୃଦ୍ଧି ଏକପ୍ରକାର ସ୍ଥାଣୁ ପାଲଟିଛି । ମଧୁମେହ ରୋଗ କ୍ଷେତ୍ରରେ ଉତ୍ପାଦର ବୃଦ୍ଧି ହାର ବାର୍ଷିକ ୫.୪ ପ୍ରତିଶତ ଦେଖିବାକୁ ମିଳିଥିବା ବେଳେ ବିକ୍ରି ପରିମାଣ ୧.୧ ପ୍ରତିଶତ ହ୍ରାସ ପାଇଛି। ଲୋକମାନେ କମ୍ ଦାମ୍ ଥିବା ଔଷଧ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାସେଣ୍ଟ ବି ଔଷଧ ବିକ୍ରିରେ ବୃଦ୍ଧି ହେଉନାହିଁ। ଯାହାକି ଚିନ୍ତାର ବିଷୟ ବୋଲି ଅଧିକାରୀ ଜଣକ କହିଛନ୍ତି। ଅପରପକ୍ଷରେ କରୋନା ମହାମାରୀ ସମୟରେ ଭିଟାମିନ ଔଷଧର ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଥିଲା। ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଅଧିକ ମାତ୍ରରେ ଭିଟାମିନ ଔଷଧ ଖାଇବାକୁ ପସନ୍ଦ କରିଥିଲେ। ତେବେ ଟିକାକରଣ ଓ ମହାମାରୀ ହ୍ରାସ ପାଇବାରେ ଭିଟାମିନ ଔଷଧ ବିକ୍ରି ଯଥେଷ୍ଟ ହ୍ରାସ ପାଇଛି। ଫାର୍ମାରାକ ଆୱାକ୍ସର ତଥ୍ୟ ଅନୁସାରେ ଭିଟାମିନ ଔଷଧର ବିକ୍ରି କେବଳ ଏପ୍ରିଲ ମାସରେ ୧୨.୪ ପ୍ରତିଶତ ହ୍ରାସ ପାଇଛି। ବାର୍ଷିକ ସ୍ତରରେ ଏଥିରେ ୦.୮ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି।

ଭୁବନେଶ୍ୱର
୨୯ ଜାନୁଆରୀ
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27





ଭୁବନେଶ୍ୱର : ଜନତା ମଇଦାନରେ ଆୟୋଜିତ 'ଉତ୍କର୍ଷ ଓଡ଼ିଶା' କନ୍‌କ୍ଲେଭ-୨୦୨୫ ଉଦ୍‌ଘାଟନ ଉତ୍ସବ ଅବସରରେ ଯୋଗଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁଗର୍ଗ, ଘରୋଇ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଏବଂ ବରିଷ୍ଠ ଅଧିକାରୀଗଣ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଉପମୁଖ୍ୟମନ୍ତ୍ରୀ କେ ଭି. ସିଂହଦେଓଙ୍କ ଉପସ୍ଥିତିରେ ଶିଳ୍ପପତିଙ୍କ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଅବସରରେ । (ଫଟୋ : ସମ୍ବାଦ କଳିକା)

# ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥ କାଠ

## ୩ଟି ଟ୍ରକ୍‌ରେ ଆସିଛି ୧୦୧ ଖଣ୍ଡ ଧଉରା ଓ ଅସନ କାଠ

**ପୁରୀ ୨୮।୧ ନ୍ୟୁଜ ବ୍ୟୁରୋ**

ଚଳିତ ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଛି ପ୍ରଥମ ପର୍ଯ୍ୟାୟ ରଥ କାଠ। ନୟାଗଡ଼ ଦଶପଲ୍ଲା ରେଞ୍ଜରୁ ଆସିଛି ରଥ କାଠ । ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠର ଆବଶ୍ୟକତା ରହିଥିବା ବେଳେ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପାଖରେ ବଳକା ରହିଛି ୫୧ ଖଣ୍ଡ କାଠ । ମୋଟ୍ ୮୧୪ ଖଣ୍ଡ ଅସନ, ଧଉରା ଏବଂ ଫାସୀ କାଠର ଆବଶ୍ୟକତା ରହିଛି । ତେବେ ନୟାଗଡ ଦଶପଲ୍ଲା ରେଞ୍ଜରୁ ମଙ୍ଗଳବାର ତିନୋଟି ଟ୍ରକରେ ପୁରୀରେ ଆସି ପହଞ୍ଚିଛି ୧୦୧ ଖଣ୍ଡ ଧଉରା ଓ ଅସନ କାଠ। ଏଥିରେ ୫୩ ଖଣ୍ଡ ଧଉରା, ୪୮ ଖଣ୍ଡ ଅସନ କାଠ ରହିଛି ।



ଫେବୃୟାରୀ ୨ ତାରିଖ ଶ୍ରୀପଞ୍ଚମୀ ଦିନ ବିଧି ଅନୁଯାୟୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥ ନିର୍ମାଣ ପାଇଁ ତିନୋଟି ରଥ କାଠ ପୂଜା କରାଯିବ । ପର୍ଯ୍ୟାୟ କ୍ରମେ ବାକି କାଠ ଆସି ପହଞ୍ଚିବ ବୋଲି ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି ।

# ମେରା ଭାରତ ମହାନ-ଦେଶାତ୍ମବୋଧକ ସଂଗୀତରେ ଝୁମିଲେ ଶ୍ରୋତା

**ଭୁବନେଶ୍ୱର-୨୮/୧**
**ନ୍ୟୁଜ ବ୍ୟୁରୋ**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସୋମବାର ସଂଧ୍ୟାରେ ରବୀନ୍ଦ୍ର ମଣ୍ଡପରେ 'ସୁଷମା ସଂଗୀତ ସଦନ' ଦ୍ୱାରା ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଆୟୋଜିତ ହୋଇଥିଲା ଦେଶାତ୍ମବୋଧକ ସଂଗୀତ ସଂଧ୍ୟା। ଏହି ଉତ୍ସବରେ ଲବ୍ଧପ୍ରତିଷ୍ଠିତ ଗାୟକ/ଗାୟିକାମାନଙ୍କ ସଂଗୀତ ଶୁଣିବା ପାଇଁ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା। ସଂଗୀତର ତାଳେ ତାଳେ ଶ୍ରୋତା ଝୁମି ଉଠିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ



ଶିଳ୍ପୀଗୁରୁ ଡକ୍ଟର ସୁଦର୍ଶନ ସାହୁ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ମୁଖ୍ୟ ଆୟକର କମିଶନର ଶରତ ଦାଶ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସାଧାରଣ ସଂପାଦକ ଡକ୍ଟର କରୁଣାକର ପ୍ରଧାନ ପ୍ରମୁଖ। ସୁଷମା ସଂଗୀତ ସଦନର ଉପସଭାପତି ପ୍ରଫେସର ଡ. ମିତାଲି ଚିନାରା ଏବଂ ଅଶ୍ୱିନୀ ମହାନ୍ତି ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ 'ବନ୍ଦେ ମାତରମ' ସଂଗୀତକୁ ସମୁଦାୟ କଣ୍ଠଶିଳ୍ପୀ ମିଳିତ ଭାବେ ଗାନ କରିଥିଲେ। ସେହିପରି 'ମିଶୁ ମୋର ଦେହ-ରଣଦୀପ ପାଲିତ, ଓଠ କଙ୍କାଳ-ଲକ୍ଷ୍ମୀକାନ୍ତ ପାଲିତ, ଏ ମେରେ ପ୍ୟାରେ ୱତନ-ବନ୍ଦିଶ ପାଲିତ, ଏ ମେରେ ୱତନ କି ଲୋଗୋଁ-ଆଶା ବାହାଦୂର, କଟ୍ ଯାଏ ଶୀଶ ହମାରେ-ପ୍ରଣବ ଜ୍ୟୋତି ନାଥ, ମେରା କର୍ମା ତୁ-ଶାଶ୍ୱତୀ ନାରାୟଣୀ, ମେରା ମୁଲ୍କ ମେରା ଦେଶ-ଅଶ୍ୱିନୀ ମହାନ୍ତି, ଦେଶ ରଙ୍ଗିଲା-ନାଜିଆ ଆଲମ, ସାରେ ଜାହାଁ ସେ ଆଚ୍ଛା-ରଶ୍ମିତା, ମାଟି କୋ ମାଆ କେହେତେଁ ହେଁ-ସିଦ୍ଧାନ୍ତ ଶତପଥୀ, ଯହାଁ ସତ୍ୟ ଯହାଁ ଶାନ୍ତି-ବିଦ୍ୟୁତପ୍ରଭା ପାଲିତ, ଦେହ ଗଲେ ଯାଉ-ମିତାଲି ଚିନାରା, ଦେଦି ହମେ ଆଜାଦି-ତନୁଶ୍ରୀ, ଧନ ଧାନ୍ୟେ ପୁଷ୍ପେ ଭରା-ଆଦ୍ୟାଶା ଦାଶ, ଶରପେ ହିମାଲୟ କା ଛତ୍ରା-ସିଧିସ୍ମା, ଐସା ଦେଶ ହେ ମେରା-ଅର୍ଣ୍ଣବ ପଣ୍ଡା, ମେରା ରଙ୍ଗ ଦେ-ରଣଦୀପ ପାଲିତ, ତୁ ବିଜୟ ବାଦ୍ୟ ବଜା-ବନ୍ଦୀଶ ପାଲିତ, ଆଇ ଲଭ ମାଇଁ ଇଣ୍ଡଆ-ନାଜିଆ ଏବଂ ରଣଦୀପ ଗାନ କରିଥିଲେ।

ସଂଗୀତର ଏହି ସମୁଦାୟ କାର୍ଯ୍ୟକ୍ରମକୁ ସୁଷମା ସଂଗୀତ ସଦନର ପରିଚାଳନା ନିର୍ଦ୍ଦେଶକ ବିଶିଷ୍ଟ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ ସୁଚାରୁରୂପେ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ାରେ ୩ଟି ଶୀତଳ ଭଣ୍ଡାର ପାଇଁ ବୈଜୟନ୍ତଙ୍କ ପ୍ରସ୍ତାବ

**ଭୁବନେଶ୍ୱର, ୨୮।୦୧**
**ନ୍ୟୁଜ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟରେ ଅନୁନ୍ୟ ୩ଟି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ପଣ୍ଡା ଏନେଇ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଏକ ପତ୍ର ଲେଖି ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ କ୍ୟାବିନେଟ ବୈଠକ ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ୫୮ଟି ଶୀତଳ ଭଣ୍ଡାର ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ସେଥିପାଇଁ ସ୍ଥାୟୀ ପୁଞ୍ଜି ବ୍ୟୟର ୬୦% ଓ ସର୍ବାଧିକ ୬ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡ଼ି ମିଳିବ। ଅନ୍ୟାନ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜି ଖର୍ଚ୍ଚର ୫୦% ବା ସର୍ବାଧିକ ୬ କୋଟି ପର୍ଯ୍ୟନ୍ତ ସବସିଡ଼ି ମିଳି ପାରିବ । ସେହିପରି ଏହି ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କର ୩% ଓ ରାଜ୍ୟ ସରକାରଙ୍କର ୩% ସବସିଡ଼ି ସାମିଲ ଅଛି, ୬% ପର୍ଯ୍ୟନ୍ତ ସୁଧ ମିଳିବା ସହିତ ୭ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କରେ ୫୦% ସବସିଡ଼ି ଯୋଗାଇ ଦିଆଯିବ। ଏହି ପଦକ୍ଷେପକୁ ଶ୍ରୀ ପଣ୍ଡା ସ୍ୱାଗତ କରିବା ସଙ୍ଗେ ସଙ୍ଗେ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ଏବଂ ଏହି ଜିଲ୍ଲାର ଚାଷୀ ଭାଇମାନେ ମୁଖ୍ୟତଃ ଶସ୍ୟ ଜାତୀୟ ଫସଲ, ପନିପରିବା, ମତ୍ସ୍ୟ ଓ ଦୁଗ୍ଧ ଜାତୀୟ ଉତ୍ପାଦ ଉପରେ ନିର୍ଭରଶୀଳ । କିନ୍ତୁ ଜିଲ୍ଲାରେ ଶୀତଳ ଭଣ୍ଡାର ଅଭାବରୁ ଚାଷୀ ଭାଇମାନେ ଅନେକ ସମୟରେ ଅଭାବୀ ବିକ୍ରୀର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି।

## ମହାକୁମ୍ଭ ୨୦୨୫ର ପରିବର୍ତ୍ତନମୂଳକ ଯାତ୍ରା

# ତୀର୍ଥଯାତ୍ରା ଅଭିଜ୍ଞତାକୁ ସହଜ କରୁଛି ଭାରତୀୟ ରେଳବାଇ



**ଭୁବନେଶ୍ୱର, ୨୮/୧ ନ୍ୟୁଜ ବ୍ୟୁରୋ**

ମହାକୁମ୍ଭ ୨୦୨୫ ସମୟରେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ପବିତ୍ର ନଗରୀ ପ୍ରୟାଗରାଜକୁ ପରିବହନ କରିବାରେ ଭାରତୀୟ ରେଳବାଇ ଏହାର ଭୂମିକାକୁ ପୁନଃପରିଭାଷିତ କରିଛି। ପରିବହନ ଯୋଗାଇବା ବ୍ୟତୀତ, ରେଳବାଇ ବିଶ୍ୱସ୍ତରୀୟ ଆତିଥ୍ୟ ସେବା ମଧ୍ୟ ସଫଳତାର ସହ ପରିଚାଳନା କରୁଛି। ଗୁରୁତ୍ୱପୂର୍ଣ୍ଣ ଉନ୍ନତିକରଣ, ଅଭିନବ ସମାଧାନ ଏବଂ ଅନ୍ତର୍ଭୁକ୍ତି ପ୍ରତି ପ୍ରତିବଦ୍ଧତା ସହିତ ରେଳବାଇ ଏହି ମେଗା ଧାର୍ମିକ କାର୍ଯ୍ୟକ୍ରମ ସମୟରେ କାର୍ଯ୍ୟରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ଆଧୁନିକ ଭିତ୍ତିଭୂମି ଆଧ୍ୟାତ୍ମିକ ଉଦ୍ଦେଶ୍ୟ ସାଧନ କରେ । ପବିତ୍ର ସଙ୍ଗମରେ ଯାତ୍ରା ଅଭିଜ୍ଞତା ବୃଦ୍ଧି କରିବା ଏବଂ ଏହାକୁ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ କରିବାରେ ଭାରତୀୟ ରେଳବାଇ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଗତ ଦଶନ୍ଧି ମଧ୍ୟରେ ଭାରତ ସରକାର ପ୍ରୟାଗରାଜରେ ରେଳ ଭିତ୍ତିଭୂମି ପାଇଁ ପାଣ୍ଠିକୁ ଯଥେଷ୍ଟ ବୃଦ୍ଧି କରିଛନ୍ତି। ମହାକୁମ୍ଭର ପ୍ରସ୍ତୁତି ପାଇଁ, ଭାରତୀୟ ରେଳବାଇ ଏଠାକାର ରେଳ ଷ୍ଟେସନଗୁଡ଼ିକୁ ଆରାମଦାୟକ, ସୁବିଧାଜନକ ଏବଂ ଆଧ୍ୟାତ୍ମିକତାର ସ୍ପନ୍ଦନଶୀଳ କେନ୍ଦ୍ରରେ ପରିଣତ କରିବା ପାଇଁ ୨ ବର୍ଷ ମଧ୍ୟରେ ୫,୦୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଛି। କେବଳ ଯାତ୍ରା ଏବଂ ଟ୍ରେନ ଅଟକିବା ପାଇଁ ସ୍ଥାନ ଥିବା ରେଳ ଷ୍ଟେସନଗୁଡ଼ିକ ଏବେ ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ପ୍ରବେଶ ଦ୍ୱାରରେ ପରିଣତ ହୋଇଛି। ଶୋଇବା ପଡ୍, ଏକଜିକ୍ୟୁଟିଭ୍ ଲାଉଞ୍ଜ ଏବଂ ରିଟାୟାରିଂ ରୁମ୍ ପ୍ରଚଳନ ସହିତ, ଏହି ସ୍ଥାନଗୁଡ଼ିକ ଏବେ ଯାତ୍ରୀ-ଅନୁକୂଳ ସ୍ଥାନରେ ପରିଣତ ହୋଇଛି। ରଙ୍ଗୀନ କୋଡେଡ୍ ଯାତ୍ରୀ ଆଶ୍ରୟସ୍ଥଳ, ରଙ୍ଗୀନ ଦିଗନିର୍ଦ୍ଦେଶକ ଟିକେଟ୍ ଏବଂ ଦିଗ ସୂଚକ ଭଳି ବୈଶିଷ୍ଟ୍ୟଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ରାସ୍ତାରେ ଯାତ୍ରା କରିବା ସହଜ କରିଛି। ଏହା ତୀର୍ଥଯାତ୍ରୀମାନଙ୍କୁ ସେମାନଙ୍କର ରାସ୍ତା ଖୋଜିବା ସହଜ କରୁଛି। ଏହି ଉନ୍ନତ ସୁବିଧାଗୁଡ଼ିକ ରେଳ ଷ୍ଟେସନରେ ତୀର୍ଥଯାତ୍ରାର ଅନୁଭୂତିକୁ ଅଧିକ ସୁଖଦ କରିଛି। ଜଣେ ଭକ୍ତ ଟ୍ରେନ୍‌ରୁ ଓହ୍ଲାଇବା ମାତ୍ରେ ତାଙ୍କ ଆବଶ୍ୟକତା ଅନୁଯାୟୀ ସମସ୍ତ ସୁବିଧା ସହଜରେ ଉପଲବ୍ଧ ହୋଇଯାଏ। ସାଧାରଣ ଲୋକଙ୍କ ପାଇଁ ନୂତନ ଆଶ୍ରୟସ୍ଥଳ ଏବଂ ଉନ୍ନତ ସେବା। ପ୍ରତିଦିନ ପ୍ରାୟ ଦଶ ନିୟୁତ ତୀର୍ଥଯାତ୍ରୀ ଆସିବାର ଆଶା କରାଯାଉଥିବାରୁ, ଏତେ ସଂଖ୍ୟକ ଲୋକଙ୍କୁ ଆଶ୍ରୟ ଏବଂ ସେବା ଯୋଗାଇବା ଏକ ବଡ଼ କାର୍ଯ୍ୟ। ଭାରତୀୟ ରେଳବାଇ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ୧୭ଟି ନୂତନ ଯାତ୍ରୀ ଆଶ୍ରୟସ୍ଥଳ ଏବଂ ଷ୍ଟେସନ ନିର୍ମାଣ କରିଛି ଯାହାର କ୍ଷମତା ପୂର୍ବରୁ ମାତ୍ର ୨୧,୦୦୦ ଥିଲା, ଯାହାର ସଂଖ୍ୟା ୧,୧୦,୦୦୦ ରୁ ଅଧିକ। ଏହା ସହିତ, ନୂତନ ପ୍ଲାଟଫର୍ମ ନିର୍ମାଣ ଦ୍ୱାରା ମୋଟ ପ୍ଲାଟଫର୍ମ ସଂଖ୍ୟା ୪୮ରେ ପହଞ୍ଚିଛି, ଯାହା ତୀର୍ଥଯାତ୍ରୀମାନଙ୍କ ପାଇଁ ଉତ୍ତମ ପ୍ରବେଶ ସୁନିଶ୍ଚିତ କରିଛି। ଯାତ୍ରୀମାନଙ୍କ ପାଇଁ ଶୌଚାଳୟ, ପାନୀୟ ଜଳ ସୁବିଧା, ଶିଶୁଙ୍କୁ ଖାଇବାକୁ ଦେବା ପାଇଁ ପଡ୍ ଏବଂ ଡାକ୍ତରୀ ଯାଞ୍ଚ କକ୍ଷ ଭଳି ଉନ୍ନତ ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି। ଅଧିକ ଚାହିଦା ସତ୍ତ୍ୱେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ବ୍ୟାକଅପ୍ ବ୍ୟବସ୍ଥା ସୁଗମ ଯୋଗାଣ ସୁନିଶ୍ଚିତ କରିଛି। ଭାରତୀୟ ରେଳବାଇ ମଧ୍ୟ ମହାକୁମ୍ଭ ୨୦୨୫ ଅଭିଜ୍ଞତାକୁ ସମସ୍ତଙ୍କ ପାଇଁ ଅଧିକ ଆରାମଦାୟକ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଯାତ୍ରୀ ସୁବିଧା କେନ୍ଦ୍ରର ପରିଚୟ, ହ୍ୱିଲଚେୟାର ସେବା ଏବଂ ଲଜିଷ୍ଟିକ୍ସ ଟ୍ରଲି ସହିତ 'ମେ ଆଇ ହେଲ୍ପ ୟୁ' ବୁଥ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରୟାଗରାଜ ଜଙ୍କସନ ଏବଂ ଛେଓକି ଭଳି ପ୍ରମୁଖ ଷ୍ଟେସନଗୁଡ଼ିକୁ ଯାତ୍ରୀମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭାବରେ ସଜ୍ଜିତ କରାଯାଇଛି, ଯାହା ସେମାନଙ୍କୁ ଏକ ସୁଗମ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରୁଛି। ସରକାରଙ୍କ 'ସୁଗମ୍ୟ ଭାରତ ମିଶନ' ସହିତ ସଙ୍ଗତ, ଭାରତୀୟ ରେଳବାଇ ଦିବ୍ୟାଙ୍ଗଜନ ଅନୁକୂଳ ସୁବିଧା ସଂଖ୍ୟା ବୃଦ୍ଧି କରିଛି ଯେଉଁଥିରେ ଲିଫ୍ଟ ଏବଂ ଏସ୍କେଲେଟର ମଧ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରୟାସଗୁଡ଼ିକ ଅନ୍ତର୍ଭୁକ୍ତି ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ସୁନିଶ୍ଚିତ କରେ ଯେ ସମସ୍ତେ (ବୟସ୍କଙ୍କଠାରୁ ଭିନ୍ନକ୍ଷମ ପର୍ଯ୍ୟନ୍ତ) ଏହି ପବିତ୍ର କାର୍ଯ୍ୟକ୍ରମରେ ସହଜରେ ଅଂଶଗ୍ରହଣ କରିପାରିବେ। ମହାକୁମ୍ଭ ଭବିଷ୍ୟତ ପାଇଁ ଏକ ମାନଦଣ୍ଡ ପାଲଟିଛି। ପରମ୍ପରାକୁ ଆଧୁନିକତା ସହିତ ମିଶ୍ରଣ କରିବା ପାଇଁ ଭାରତୀୟ ରେଳବାଇର ପ୍ରୟାସ ଏକ ଉନ୍ନତ, ଆରାମଦାୟକ ଏବଂ ଆଧୁନିକ ସୁବିଧାରେ ସଜ୍ଜିତ ପରିବେଶ ସୃଷ୍ଟି କରିଛି। ରେଳବାଇ ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସହଜ କରିବା ସହିତ ସେମାନଙ୍କ ଅନୁଭୂତିକୁ ଅନନ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ମହାକୁମ୍ଭ ସମୟରେ ସୁବିଧାଗୁଡ଼ିକୁ ଉନ୍ନତ କରି ଭାରତୀୟ ରେଳବାଇ ଆତିଥ୍ୟର ନୂତନ ମାନଦଣ୍ଡ ସ୍ଥାପନ କରିଛି ।

# ସଂସଦ ଅଧିବେଶନରେ ଉଠିବ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ : ବିଜେଡି



**ଭୁବନେଶ୍ୱର ୨୮/୧**
**ନ୍ୟୁଜ ବ୍ୟୁରୋ**

ସଂସଦର ଆଗାମୀ ବଜେଟ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡିକୁ ଜୋରଦାର ଭାବେ ଉଠାଯିବ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ନବୀନ ନିବାସରେ ଏହି ବୈଠକରେ ବିଜେଡିର ସମସ୍ତ ସାଂସଦଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ବିଜେଡି ସ୍ୱତନ୍ତ୍ର ରାଜ୍ୟପାହ୍ୟା ପାଇଁ ପୁଣି ଦାବି କରିବ । ହେଲେ ଏଯାଏଁ ମିଳିଲାନି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା । ଦରଦାମ ବୃଦ୍ଧି ପ୍ରସଙ୍ଗ ମଧ୍ୟ ବିଜେଡି ଉଠାଇବ । ଡବଲ ଇଞ୍ଜିନ ସରକାରରେ ଡବଲ ହୋଇଛି ବେକାରୀ ସମସ୍ୟା । ସଂସଦରେ ଉଠିବ ଚାଷୀଙ୍କ ପ୍ରତି ଅବହେଳା ପ୍ରସଙ୍ଗ । ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରିବାକୁ ଦାବି କରିବ। ପୋଲାଭରମ ଓ ମହାନଦୀ ପ୍ରସଙ୍ଗ ବି ଉଠାଇବ ଦଳ । କୋଷ୍ଟାଲ ହାଇୱେ ଓ ଅନୁସୂଚିତ ଜନଜାତିଙ୍କୁ ତାଲିକାଭୁକ୍ତ କରିବାକୁ ଦାବି କରାଯିବ। ହୋ, ମୁଣ୍ଡାରି, ଭୂମିଜ ଓ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ ଲାଗି ଦାବି କରିବ ଦଳ । ଏହାସହ ମୋବାଇଲର ନେଟୱର୍କ କନେକ୍ଟିଭିଟି ବୃଦ୍ଧି ପାଇଁ ମଧ୍ୟ ଦାବି କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।


## ପ୍ରକାଶ ପାଇବାକୁ ଯାଉଛି...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ବିତ୍ତୀୟ ପରିଚାଳନାରେ ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ : ନୀତି ଆୟୋଗ

**ଭୁବନେଶ୍ୱର ୨୮/୦୧**
**ନ୍ୟୁଜ ବ୍ୟୁରୋ**

ବିତ୍ତୀୟ ପରିଚାଳନାରେ ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ । ଯେଉଁଥିପାଇଁ ରାଜ୍ୟର ବିତ୍ତୀୟ ସ୍ୱାସ୍ଥ୍ୟ ଅନ୍ୟ ସମସ୍ତ ରାଜ୍ୟଠାରୁ ଢେର ଉନ୍ନତ। ନୀତି ଆୟୋଗ ଏକଥା ସ୍ପଷ୍ଟ କରିଛି । ରାଜ୍ୟ ଗୁଡିକର ବିତ୍ତୀୟ ସ୍ୱାସ୍ଥ୍ୟ ସମ୍ପର୍କରେ ନୀତି ଆୟୋଗ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ କହୁଛି ଯେ, ୧୮ଟି ପ୍ରମୁଖ ରାଜ୍ୟ ମଧ୍ୟରେ ଓଡ଼ିଶାର ବିତ୍ତୀୟ ସ୍ୱାସ୍ଥ୍ୟ ଏକ ନମ୍ବର। ସାମଗ୍ରିକ ୬୭.୮ ସ୍କୋର ସହ ଓଡ଼ିଶା ଶୀର୍ଷରେ ରହିଛି । ଦ୍ୱିତୀୟ ସ୍ଥାନରେ ରହିଛି ଛତିଶଗଡ଼, ଓଡ଼ିଶାଠୁ ୧୨ ପଏଣ୍ଟ ପଛରେ (୫୫.୨) । ଗୋଆ ୫୩.୬ ସ୍କୋର ରଖି ତୃତୀୟ ସ୍ଥାନରେ ଏବଂ ଝାଡ଼ଖଣ୍ଡ ଚତୁର୍ଥ ସ୍ଥାନ ପାଇଛି । ୨୦୨୨-୨୩ ଆର୍ଥିକ ବର୍ଷର ବିତ୍ତୀୟ ସ୍ଥିତିକୁ ନେଇ ଏହି ଅନୁଶୀଳନ କରାଯାଇଛି । ୨୦୧୪-୧୫ରୁ ୨୦୨୧-୨୨ ଯାଏ କ୍ରମାଗତ ଭାବେ ଓଡ଼ିଶା ଦେଶର ନମ୍ବର ୧ ରାଜ୍ୟ ଥିଲା ବୋଲି ରିପୋର୍ଟରେ କୁହାଯାଇଛି । ସବୁଠାରୁ ତଳେ ରହିଛି ପଞ୍ଜାବ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ । ବିକାଶ ମାନଚିତ୍ରରେ ଓଡ଼ିଶାଠୁ ବହୁ ଆଗରେ ଥିବା ତାମିଲନାଡୁ, କର୍ଣ୍ଣାଟକ ଓ ହରିଆଣା ଓଡ଼ିଶା ଠାରୁ ଢେର ପଛରେ। ରିପୋର୍ଟ ମୁତାବକ, ଓଡ଼ିଶା ଋଣ ସୂଚକାଙ୍କରେ ୯୯.୦ ଏବଂ ନିୟମିତ ଋଣ ପଇଠ ସହ ଉନ୍ନତ ଋଣ ସ୍ଥିତି କ୍ଷେତ୍ରରେ ୬୪.୦ ସହ ଶୀର୍ଷରେ ରହିଛି । ଖର୍ଚ୍ଚର ଗୁଣବତ୍ତା ଏବଂ ରାଜସ୍ୱ ତୁଳନାରେ ପୂର୍ବ ୨ଟି କ୍ଷେତ୍ରରେ



ରାଜ୍ୟ ବେଶ୍ ଉନ୍ନତ ସ୍ଥାନରେ ରହିଛି । ରାଜ୍ୟ ଏହାର ବିତ୍ତୀୟ ନିଅଣ୍ଟକୁ ନିମ୍ନରେ ରଖିବାକୁ ସକ୍ଷମ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି । ବଜେଟ ଅର୍ଥ ଖର୍ଚ୍ଚ ମାନ (ଏକ୍ସପେଣ୍ଡିଚର କ୍ୱାଲିଟି)ରେ ଓଡ଼ିଶା ୫୨ ସ୍କୋର ପାଇ ୪ଟି ଶ୍ରେଷ୍ଠ ରାଜ୍ୟରେ ରହିଛି । ରାଜସ୍ୱ ସଂଗ୍ରହରେ ୬୯.୯, ବିତ୍ତୀୟ ମିତବ୍ୟୟତା କ୍ଷେତ୍ରରେ ୫୪.୪% ସ୍କୋର ପାଇଛି। ନୀତି ଆୟୋଗ ଦର୍ଶାଇଛି, ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାର ରାଜସ୍ୱ ଖର୍ଚ୍ଚ ୫୩.୫ ପ୍ରତିଶତ ବୃଦ୍ଧି ପାଇଛି । ବିକାଶର ଇଂଜିନ କୁହାଯାଉଥିବା ପୁଞ୍ଜି ଖର୍ଚ୍ଚ ବଢ଼ିଛି ୪୨ ପ୍ରତିଶତ ୪ ବର୍ଷରେ । ଅର୍ଥାତ୍ ବର୍ଷକୁ ହାରାହାରି ୯.୨% ହାରରେ ବଢ଼ିଛି ପୁଞ୍ଜି ଖର୍ଚ୍ଚ ।

ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ବି ଉଲ୍ଲେଖନୀୟ ବୋଲି ଦର୍ଶାଇ କୁହାଯାଇଛି ଯେ, ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଖଣି ରାଜସ୍ୱ ବୃଦ୍ଧି ଚମକପ୍ରଦ । ୪ ବର୍ଷ ତଳେ ରାଜ୍ୟର ମୋଟ ଘରୋଇ ଉତ୍ପାଦର ୨.୯% ଥିଲା ଏ ଆୟ । ଏହା ୫.୬%କୁ ବୃଦ୍ଧି ପାଇଛି । ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଭଳି ରାଜ୍ୟଗୁଡିକର ଋଣ ଭାର ବଢ଼ିଚାଲିଛି । ଜିଡିପି ତୁଳନାରେ ଋଣ ହାର ଅଧିକ ଥିବାରୁ ରାଜ୍ୟଗୁଡିକର ଆର୍ଥିକ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ୨୦୨୨-୨୩ରେ ପଶ୍ଚିମବଙ୍ଗ ସଂଗ୍ରହ କରୁଥିବା ଏହାର ମୋଟ ରାଜସ୍ୱ ମଧ୍ୟରୁ ୨୦.୪୭% ଅଂଶ ଋଣ ସୁଝିବାରେ ବ୍ୟବହାର କରିଛି । ଉଭୟ ରାଜସ୍ୱ ଆଦାୟ ଏବଂ ସୁଚିନ୍ତିତ ଖର୍ଚ୍ଚ ନେଇ ଏହି ରାଜ୍ୟକୁ ପରାମର୍ଶ ଦେଇଛି ନୀତି ଆୟୋଗ । ସେହିଭଳି ରାଜସ୍ୱ ସଂଗ୍ରହରେ ଉନ୍ନତି ଏବଂ ବିକାଶ ମୂଳକ କାର୍ଯ୍ୟରେ ଏହାର ବିନିଯୋଗ ନେଇ କେରଳକୁ ପରାମର୍ଶ ଦେଇଛି ନୀତି ଆୟୋଗ । ରାଜ୍ୟଗୁଡିକର ବିତ୍ତୀୟ ସ୍ୱାସ୍ଥ୍ୟରେ ଉନ୍ନତି ସହ ନୀତିଗତ ସଂସ୍କାର ଏବଂ ଆର୍ଥିକ ଅଭିବୃଦ୍ଧି ଭଳି ଦିଗଗୁଡିକ ଉପରେ ଏହି ରିପୋର୍ଟରେ ଫୋକସ କରାଯାଇଛି । ଦୃଢ଼ ବିତ୍ତୀୟ ସ୍ଥିତି, ରାଜସ୍ୱ ଆଦାୟରେ ଦକ୍ଷତା, ସୁଚିନ୍ତିତ ପୁଞ୍ଜି ଖର୍ଚ୍ଚ ଏବଂ ଋଣ ପଇଠ ଭଳି ଦିଗକୁ ନେଇ ରାଜ୍ୟଗୁଡିକୁ ମାନ୍ୟତା ପ୍ରଦାନ କରାଯାଇଛି ।